ଓଡ଼ିଶାର ଆଦିବାସୀ ପର୍ବପର୍ବାଣି ଓ କର୍ମକର୍ମାଣି

(୩)

# ମାଙ୍କିଡ଼ିଆ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

ଭୁବନେଶ୍ୱର, ଓଡ଼ିଶା

ଆଦିବାସୀ ପର୍ବପର୍ବାଣି ଓ କର୍ମକର୍ମାଣି (୨)

# ମାଙ୍କିଡ଼ିଆ

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

ଆଦିବାସୀ ପର୍ବପର୍ବାଣି ଓ କର୍ମକର୍ମାଣି (୩)

# ମାଙ୍କିଡ଼ିଆ

ପ୍ରକାଶକ : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ - ୧
ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ବିଜୟା ଦଶମୀ, ୨୦୦୧

ମୁଦ୍ରକ : ପ୍ରିଣ୍ଟେକ୍ ଭିଜନ୍, ୪୪୭, ଶହୀଦ୍ ନଗର, ଭୁବନେଶ୍ୱର

ମୂଲ୍ୟ : ଟ. ୨୫.୦୦

Tribal Rituals and Festivals (3)

**MANKIDIA**

**Publisher :** Academy of Tribal Dialects & Culture
ST & SC Development Department
Adivasi Exhibition Ground
Unit - 1, Bhubaneswar - 751009

[The study was carried out with financial assistance received from the Ministry of Human Resource Development (Deptt. of Culture), Govt. of India in 1992-93.]

# ମୁଖବନ୍ଧ

ଭାରତ ସରକାରଙ୍କର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ୧୯୯୨-୯୩ ଆର୍ଥିକ ବର୍ଷରେ ଓଡ଼ିଶାର ଆଦିମ ଜନଜାତିମାନଙ୍କର ପର୍ବପର୍ବାଣି ଓ କର୍ମକର୍ମାଣି ଉପରେ ଏକ ପ୍ରକଳ୍ପ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀକୁ ଅନୁଦାନ ସ୍ୱରୂପ ଦେଇଥିଲେ । ଏକାଡେମୀର ତଦାନୀନ୍ତନ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମହାପାତ୍ରଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ଏହି ପ୍ରକଳ୍ପ ସମ୍ପନ୍ନ କରାଯାଇଥିଲା । ପ୍ରଥମ ଚରଣରେ ଶ୍ରୀ ବିଷ୍ଣୁ ପ୍ରସାଦ ମହାରଣା ଓ ଶ୍ରୀ ଦିଲ୍ଲୀପ ରାୟ କ୍ଷେତ୍ର ଅଧ୍ୟୟନ ଏବଂ ଆବଶ୍ୟକ ତଥ୍ୟ ସଂଗ୍ରହ ପୂର୍ବକ ଏକ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରିଥିଲେ । ଏହି ରିପୋର୍ଟ ପ୍ରସ୍ତୁତି ପାଇଁ ସଂପୃକ୍ତ ଅଂଚଳରେ ଅବସ୍ଥାପିତ କଲ୍ୟାଣ ବିଭାଗର ଅଧିକାରୀମାନଙ୍କ ସହଯୋଗ ମିଳିଥିଲା । ପ୍ରାଥମିକ ରିପୋର୍ଟ ପରେ ସେହି ଜନଜାତିଙ୍କ ପର୍ବପର୍ବାଣି ଉପରେ ଭିଡ଼ିଓ ଚିତ୍ର ଉତ୍ତୋଳନ କରାଯାଇ ଏହାକୁ ପରିବର୍ଦ୍ଧିତ ଓ ପରିମାର୍ଜିତ କରାଯାଇଥିଲା । ପ୍ରଫେସର ଖଗେଶ୍ୱର ମହାପାତ୍ରଙ୍କ ପରେ ପରବର୍ତ୍ତୀ ନିର୍ଦ୍ଦେଶକ ପ୍ରଫେସର କୃଷ୍ଣ କୁମାର ମହାନ୍ତି ପାଣ୍ଡୁଲିପିର ଆବଶ୍ୟକ ପରିମାର୍ଜନ କରିଥିଲେ ।

ଏକାଡେମୀର ପରିଚାଳନା ସଂସଦ ଏହି ପାଣ୍ଡୁଲିପିର ଭାଷାଗତ ପରିବର୍ତ୍ତନ ପାଇଁ ମତବ୍ୟକ୍ତ କରିବାରୁ ବି.ଜେ.ବି. ମହାବିଦ୍ୟାଳୟର ପ୍ରାଧ୍ୟାପକ ଶ୍ରୀଯୁକ୍ତ ଶଶିଭୂଷଣ ବିଶ୍ୱାଳଙ୍କ ଦ୍ୱାରା ପରିମାର୍ଜନ କରାଗଲା । ଓଡ଼ିଶାର ଆଦିମ ଆଦିବାସୀମାନଙ୍କର ପର୍ବପର୍ବାଣି ଓ କର୍ମକର୍ମାଣି ଉପରେ ଉପରୋକ୍ତ ଜନଜାତିମାନଙ୍କର ସମ୍ମିଳିତ ସଂକଳନ ଏକତ୍ର ପ୍ରକାଶ କରିବାର ଯୋଜନା ଥିଲା । ମାତ୍ର ପୁସ୍ତକର କଳେବର ବୃଦ୍ଧି ଯୋଗୁଁ ପ୍ରତ୍ୟେକ ଗୋଷ୍ଠୀ ଉପରେ ସ୍ୱତନ୍ତ୍ର ପୁସ୍ତିକାମାନ ସିରିଜ୍ ହିସାବରେ ପ୍ରକାଶ କରାଯିବାର ସ୍ଥିର ହେଲା । ସିରିଜ୍‌ର ପ୍ରଥମ ଭାଗ ଡଙ୍ଗରିଆ କନ୍ଧ ଓ ଦ୍ୱିତୀୟ ଭାଗ କୁଟିଆକନ୍ଧ ମାନଙ୍କ ପର୍ବପର୍ବାଣି ଓ କର୍ମକର୍ମାଣି ଉପରେ ପ୍ରକାଶିତ ହୋଇଥିବା ବେଳେ ତୃତୀୟ ଭାଗରେ ''ମାଙ୍କିଡ଼ିଆ''ଙ୍କ ଜନଜାତିଙ୍କ ପର୍ବପର୍ବାଣି ଓ କର୍ମକର୍ମାଣିକୁ ନିଆଯାଇଛି ।

ଆଦିବାସୀ ସଂସ୍କୃତିର ଦ୍ରୁତତର ପରିବର୍ତ୍ତନ ହେବାରେ ଲାଗିଛି । ଗତ କାଲି ଯାହା ଥିଲା ଆଜି ତାହା ସ୍ୱପ୍ନବତ୍ । ଏହି ପରମ୍ପରା ଅବ୍ୟାହତ ରହିଲେ ଆଗାମୀ ଦଶନ୍ଧି ଭିତରେ ସେମାନଙ୍କର ସଂସ୍କୃତି, ବିବର୍ତ୍ତିତ ପ୍ରେକ୍ଷାପଟରେ ଏକ ନୂତନ ରୂପ ପରିଗ୍ରହଣ କରିସାରିଥିବ । ଶିକ୍ଷା ଏବଂ ବିକାଶ ପ୍ରକ୍ରିୟାର ସାଧନ ସାମଗ୍ରୀ ଗୁଡ଼ିକର ଅନୁପ୍ରବେଶ ଏହି ବିବର୍ତ୍ତନର ମୁଖ୍ୟ କାରଣ । ଏ ପରିବର୍ତ୍ତନ କେବଳ ସେମାନଙ୍କ ସ୍ତରରେ ନୁହେଁ ସମଗ୍ର ଦେଶରେ ଏହାର ଧାରା ପ୍ରବାହିତ । ତେବେ ଏ ପରିବର୍ତ୍ତନର ସ୍ରୋତରେ ଆଦିବାସୀ ସଂସ୍କୃତି ସମ୍ପୂର୍ଣ୍ଣ କବଳିତ ହୋଇଯିବା ପୂର୍ବରୁ ତାଙ୍କର ସେହି ମହାନ ପରମ୍ପରାକୁ ଲିଖିତ ରୂପରେ ସଂକଳିତ କରିରଖିବା ଆମର ଜାତୀୟ କର୍ତ୍ତବ୍ୟ । ଦିନ ଆସିବ ସେମାନେ ତାଙ୍କ ମୂଳ ପରମ୍ପରାକୁ ପୁଣି ଖୋଜି ବସିବେ, ଏବଂ ଏହି ସଂକଳିତ ରୂପ ସେହି ପରମ୍ପରାକୁ ଉଖାରିବାରେ ସହାୟକ ହେବ ନିଶ୍ଚୟ ।

ଆଦିବାସୀ ସମାଜରେ ପର୍ବ ପର୍ବାଣି ଓ କର୍ମକର୍ମାଣି ମଧ୍ୟରେ ଭିନ୍ନତା ବାରିବା କଷ୍ଟସାଧ୍ୟ । ଉଭୟର କାର୍ଯ୍ୟଧାରା ପ୍ରାୟତଃ ସମାନ । ଦେବାଦେବୀଙ୍କ ତୁଷ୍ଟି ବିଧାନ ଉଭୟତ୍ର ପରିଲକ୍ଷିତ । ତେବେ ବ୍ୟକ୍ତି ଓ ପରିବାର ମଧ୍ୟରେ କର୍ମ କର୍ମାଣିର ଧାରା କେନ୍ଦ୍ରୀଭୂତ ହୋଇଥିବା ବେଳେ ପର୍ବପର୍ବାଣି ଗାଁ ସରହଦ ବାହାରେ ମଧ୍ୟ ଖୁବ୍ ବ୍ୟାପ୍ତ । ପ୍ରତ୍ୟେକ କ୍ଷେତ୍ରରେ ଆଦିବାସୀ ପରିବାର ଖର୍ଚ୍ଚ କରିବାରେ ମୁକ୍ତ ହସ୍ତ । ଋଣ କରି ସର୍ବସ୍ୱାନ୍ତ ହେବାକୁ ପଡୁ ପଛକେ ଏହା ମୂଳରେ ଥିବା ମାନସିକ ତୃପ୍ତି ତା ପାଇଁ ଏକ ମହାନ ବରଦାନ ସଦୃଶ । ଆତ୍ମିକ ଶାନ୍ତି ଓ ଦେବା ଦେବୀଙ୍କ ତୁଷ୍ଟି ବିଧାନ ପାଖରେ ଅନ୍ୟାନ୍ୟ ଜିନିଷ ତୁଚ୍ଛ । ଗାଁର ସାମୂହିକ ମଙ୍ଗଳରେ ହିଁ ବ୍ୟକ୍ତିର ମଙ୍ଗଳ । ତେଣୁ ପର୍ବ ପର୍ବାଣି ଓ କର୍ମ କର୍ମାଣି ଭିତରେ ସଂଘୀୟ ବ୍ୟବସ୍ଥାର ଏକ ସାକାର ରୂପ ପରିଲକ୍ଷିତ ହେବା ସ୍ୱାଭାବିକ ।

ଶେଷରେ ପୁସ୍ତିକା ପ୍ରକାଶନର ପୃଷ୍ଠଭୂମିରେ ଯେଉଁମାନଙ୍କ ନିରବଚ୍ଛିନ୍ନ ପ୍ରେରଣା ରହିଆସିଛି ପ୍ରକାଶନ ଅବସରରେ ଏକାଡେମୀ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

ମନ୍ମଥ କୁଣ୍ଡୁ
ନିର୍ଦ୍ଦେଶକ

# ସୂଚୀପତ୍ର

ବିଷୟ | ପୃଷ୍ଠା

ଉପକ୍ରମଣିକା

## ପ୍ରଥମ ଭାଗ : ପର୍ବପର୍ବାଣି


୧. ମକର ପର୍ବ........................................ ୧

୨. ମାଘ ପରବ........................................ ୫


## ଦ୍ୱିତୀୟ ଭାଗ : କର୍ମ-କର୍ମାଣି


୧. ଜନ୍ମୋତ୍ସବ ........................................ ୧୦

୨. ନାମ କରଣ ........................................ ୧୨

୩. କାନ ଫୋଡା ଓ ନାକ ଫୋଡା .............. ୧୪

୪. ରଜଃ ପ୍ରାପ୍ତି ........................................ ୧୪

୫. ବିବାହ........................................ ୧୫

ବିଷୟ ପୃଷ୍ଠା

କ- ପ୍ରସ୍ତାବିତ ବିବାହ ........................ ୧୬

ଖ- ଧରିପଳା ........................... ୧୮

୬. ଶ୍ରାଦ୍ଧୋତ୍ସବ ............................. ୨୦

୭. ଗୃହ ନିର୍ମାଣ ............................. ୨୩

୮. ରୋଗ ବ୍ୟାଧି ନିରାକରଣ ..................... ୨୪

୯. ପରିଶିଷ୍ଟ ................................ ୨୭

(ମାଙ୍କିଡ଼ିଆ ମାନଙ୍କର ବିଭିନ୍ନ ପ୍ରକାର ଗୀତ)

# ଉପକ୍ରମଣିକା

ମାଙ୍କିଡ଼ିଆମାନେ ସ୍ଥାନଭେଦରେ, ମାଙ୍କିଡ଼ି, ମାଙ୍କିର୍ଡ଼ିଆ ହିସାବରେ ପରିଚିତ । ବାସ୍ତବରେ ଏମାନେ ବିରହୋର ସଂପ୍ରଦାୟ ଅର୍ନ୍ତଭୁକ୍ତ । ମାଙ୍କଡ଼ ଧରିବାରେ ଓସ୍ତାଦ ଓ କୁଶଳୀ ହୋଇଥିବାରୁ ବିରହୋରମାନଙ୍କୁ ଏପରି ନାମରେ ନାମିତ କରିଥିବା ଅନୁମେୟ । ସ୍ଥାନୀୟ ଲୋକମାନଙ୍କ ବାଡ଼ିରୁ ମାଙ୍କଡ଼ ମାଙ୍କଡ଼ମାନେ ଦଳଦଳ ହୋଇ ଆସି ଶସ୍ୟ, ଫଳ, ଫୁଲ, ପନିପରିବା ଖାଇ ନଷ୍ଟ କରୁଥିବାରୁ ସେମାନଙ୍କ ଦ୍ୱାରା ନିଯୁକ୍ତ ଲାଗି ବିରହୋଇମାନେ ଫାସ ବସାଇ ମାଙ୍କଡ଼ ଧରିଥାଆନ୍ତି । ଏମାନେ କୌଣସି ଏକ ସ୍ଥାନରେ ସ୍ଥାୟୀ ବାସିନ୍ଦା ଭାବରେ ବସବାସ ନ କରି ଯାଯାବର ଜୀବନ ଯାପନ କରିଥାନ୍ତି । ଋତୁ ପରିବର୍ତ୍ତନ ଅନୁସାରେ ସେମାନେ ଓଡ଼ିଶାର ମୟୂରଭଂଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ସମ୍ବଲପୁର ଅଞ୍ଚଳରେ ଭିନ୍ନ ଭିନ୍ନ ସମୟରେ ଦେଖାଯାଇଥାନ୍ତି ।

ଏମାନେ ଯାଯାବର ହୋଇଥିବାରୁ ଏମାନଙ୍କର ସ୍ଥାୟୀ ବସତି ନାହିଁ । ଏମାନେ କୃଷି କର୍ମ ମଧ୍ୟ କରିନଥାନ୍ତି । ସେମାନଙ୍କର ପ୍ରଧାନ ଜୀବିକା ଜଙ୍ଗଲରୁ ଶିଆଳିଲତା ସଂଗ୍ରହ କରି ସେଥିରୁ ଦଉଡ଼ି ଓ ଗୃହ ଉପକରଣମାନ ତିଆରି କରି ବଜାରରେ ବିକ୍ରୟ ପୂର୍ବକ କିଛି ଉପାର୍ଜନ କରିବା । ଏହାଛଡା ଜଂଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଶିକାର ପୂର୍ବକ ଜୀବନ ନିର୍ବାହ କରିଥାନ୍ତି ।

ଏମାନଙ୍କର ଭାଷା ଅଷ୍ଟ୍ରିକ ଭାଷା ପରିବାର ଅନ୍ତର୍ଭୁକ୍ତ ମୁଣ୍ଡା ଗୋଷ୍ଠୀ ଅର୍ନ୍ତଗତ । ନିଜଭାଷା ସହ ସ୍ଥାନୀୟ ଓଡ଼ିଆ ଭାଷାରେ ମଧ୍ୟ ସେମାନେ ଭାବଗତ ଆଦନାପ୍ରଦାନ କରିପାରନ୍ତି । ସେମାନଙ୍କର ବସତିକୁ ଟଣ୍ଡା

କୁହାଯାଏ । ଶାଳ ପତ୍ର ଓ ଲକ୍ଷ ଇତ୍ୟାଦିରୁ ନିର୍ମିତ ଛୋଟ ଛୋଟ ପତ୍ର କୁଡ଼ିଆକୁ ''କୁମ୍ଭା'' କହିଥାନ୍ତି । ବ୍ୟକ୍ତିଗତ କୁମ୍ଭା ବ୍ୟତୀତ ଅବିବାହିତ ପୁଅ ଝିଅମାନଙ୍କ ନିମନ୍ତେ ''ଧଙ୍ଗାଲୁ'' ଓ ''କୁଡ଼ିଆତୁ'' ମଧ୍ୟ ଦୁଇଟି କରିଥାନ୍ତି ।

ଧର୍ମଧାରଣାରେ ''ଲୋଗ୍‌ବିର୍'' (ପୁରୁଷ) ଓ ''ବୁଢ଼ୀମାଇଁ'' (ସ୍ତ୍ରୀ) ପ୍ରଧାନ ଦେବାଦେବୀ । ଏହାଛଡ଼ା ବଂଶ ଦେବତା ହିସାବରେ ''ଓରାବଂଗା'' ପ୍ରଧାନ । ଦେହୁରୀଙ୍କ ଦ୍ୱାରା ଚଣ୍ଡୀର ସମସ୍ତ ପୂଜା ପାର୍ବଣ ସମାହିତ ହୋଇଥାଏ ।

ରୋଗ ବ୍ୟାଧି, ମୃତ୍ୟୁ ପ୍ରଭୃତି ଦୁର୍ଘଟଣା ଦେବା ଦେବୀଙ୍କ କୋପରୁ ସଂଘଟିଏ ହୋଇଥାଏ ବୋଲି ଏମାନଙ୍କ ବିଶ୍ୱାସ । ଏହାଛଡା ଗୁଣି ଗାରେଡ଼ିରେ ଏମାନଙ୍କର ଅଗାଧ ବିଶ୍ୱାସ ଥିବାରୁ ରୋଗବ୍ୟାଧି ତଥା ଦୁଷ୍ଟାତ୍ମା କବଳରୁ ରକ୍ଷା ପାଇଁ ଗୁଣିଆଁଙ୍କ ସାହାଯ୍ୟ ନେଇଥାନ୍ତି ।

# ପର୍ବ-ପର୍ବାଣି

## ୧- ମକର ପର୍ବ

ମାଙ୍କଡିଆ ମାନେ ଯେତେ ଗୁଡ଼ିଏ ପର୍ବ-ପର୍ବାଣି ପାଳନ କରିଥାନ୍ତି ତା ମଧ୍ୟରୁ ''ମକର ପର୍ବ'' ସର୍ବ ପ୍ରଧାନ ପର୍ବ ଅଟେ । ଅତି ଆନନ୍ଦ ଉତ୍ସାହର ସହିତ ଘରେ ଘରେ ବ୍ୟକ୍ତିଗତ ତଥା ଗ୍ରାମ ବା ଟଣ୍ଡାରେ ଗୋଷ୍ଠୀଗତ ଭାବରେ ସେମାନେ ଏହି ପର୍ବକୁ ସେମାନଙ୍କର ସାମାଜିକ ରୀତିନୀତି ଅନୁଯାୟୀ ପାଳନ କରିଥାନ୍ତି । 'ମକର' ପର୍ବକୁ କେହିକେହି ପୌଷ ପର୍ବ ବା ପରବ୍ ବୋଙ୍ଗା ନାମରେ ନାମିତ କରିଥାନ୍ତି । ପର୍ବ ପାଳନର କିଛିଦିନ ଆଗରୁ ଏହି ପର୍ବ ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଥାନ୍ତି । ପ୍ରତ୍ୟେକ ଗ୍ରାମ ବା ଟଣ୍ଡାରେ ମାଙ୍କଡିଆମାନେ ଏହି ପର୍ବକୁ ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଭାବରେ ପାଳନ କରୁଥିବାରୁ ପର୍ବ ପୂର୍ବରୁ ଏକ ସଭା ଡକାଇ ପର୍ବ ସମ୍ବନ୍ଧୀୟ ସବିଶେଷ ଆଲୋଚନା ମାଧ୍ୟମରେ ଘର ପିଛା ଚାନ୍ଦା ଏବଂ ପର୍ବ କିପରି କରାଯିବ, ତାହା ସ୍ଥିର କରିଥାନ୍ତି । ଏହି ସଭାରେ ଗ୍ରାମର ମୁଖିଆ, ଦେହୁରୀ, ଡାକୁଆ ଏବଂ ଅନ୍ୟ ବୟସ୍କ ଲୋକମାନେ ଅଂଶ ଗ୍ରହଣ କରିଥାନ୍ତି ।

ଏହି ପର୍ବ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସେମାନେ ତାଙ୍କର ମୁଖ୍ୟ ଦେବତା ଓ ବଂଶ ଦେବତା ମାନଙ୍କୁ ସନ୍ତୁଷ୍ଟ କରିବା । ବଂଶ ଦେବତା (ଅଡ଼ାରେନ୍) ବା ଆଜା ଆଜି (ପିତୃ ପୁରୁଷ) ଓ

ମୁଖ୍ୟ ଦେବତା ଲୋଗ୍‌ବିର୍ ଓ ବୁଢ଼ା ମାଇ ସନ୍ତୁଷ୍ଟ ହେଲେ ପରିବାରର ଲୋକ ମାନଙ୍କର ସୁଖ, ସମୃଦ୍ଧି ତଥା ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତି ହୁଏ । ବିଭିନ୍ନ ପ୍ରକାରର ଦୈବୀ ଦୁର୍ବିପାକ, ଦୂର୍ଯୋଗ ଓ ଅସୁସ୍ଥତାରୁ ରକ୍ଷା ମିଳେ ବୋଲି ସେମାନଙ୍କର ବିଶ୍ୱାସ ।

ଏହି ପର୍ବ ଜାନୁଆରୀମାସ ଅର୍ଥାତ ପୌଷ ମାସର ମକର ସଂକ୍ରାନ୍ତି ଦିନ ଆରମ୍ଭ ହୁଏ । ଏହି ପର୍ବ ପାଇଁ ସେମାନେ ବିଭିନ୍ନ ପ୍ରକାରର ପୂଜୋପକରଣ ଆବଶ୍ୟକ କରିଥାନ୍ତି ।

## ଉପକରଣ

ମକର ପିଠାପାଇଁ ଅରୁଆ ଚାଉଳ ଚୁନା, ଗୁଡ଼, ଗୋଟିଏ କୁକୁଡା, ଏକ ବୋତଲ ହାଣ୍ଡିଆ, ରସି, ସିନ୍ଦୁର, ଆମ୍ବଡାଳ, ନୂତନ ବସ୍ତ୍ର, ସାମର୍ଥ୍ୟ ଅନୁସାରେ ନିଜ ଘରେ ଭୋଜି ପାଇଁ ଛେଳି, କୁକୁଡା ବା ଘୁଷୁରି ମାଂସ ଇତ୍ୟାଦି ।

## ପୂଜା ବିଧି

ମକର ପର୍ବର ତିନିଦିନ ମଧ୍ୟରୁ ପ୍ରଥମ ଦିନଟିକୁ 'ବାଉଣ୍ଡି' ନାମରେ ନାମିତ କରିଥାନ୍ତି । ଦ୍ୱିତୀୟ ଦିନକୁ ''ସଂକ୍ରାନ୍ତି'' ଏବଂ ତୃତୀୟ ଦିନକୁ ମାଙ୍କଡ଼ ନଚା ଦିନ ବୋଲି କହିଥାନ୍ତି । ଏହି ତିନି ଦିନରେ ପ୍ରତ୍ୟେକ ଦିନ ସେମାନେ ଅଲଗା ଅଲଗା ଭାବରେ ପୂଜାପାଠ କରି ମଦ ମାଂସ ସହ ଭୁରି ଭୋଜନରେ ମକର ପର୍ବ ବିପୁଳ ଉତ୍ସାହରେ ପାଳନ କରିଥାନ୍ତି ।

ବାଉଣ୍ଡି ଦିନ ଟଣ୍ଡାର ପ୍ରତ୍ୟେକ ପରିବାର ସେମାନଙ୍କର ଘରପଛ ଭାଗରେ ପୂଜା କରୁଥିବା ଦେବତାଙ୍କ (ଲୋଗବିର ଓ ବୁଢ଼ାମାଇ)

ନିମନ୍ତେ ନୂତନ ଆସ୍ଥାନ ନିର୍ମାଣ କରିଥାନ୍ତି । ଏହି ଆସ୍ଥାନରେ କେବଳ ଜଙ୍ଗଲି ତାଳପତ୍ର ବା ଶାଳ ଡାଳ ଓ ପତ୍ରରେ ଛୋଟ ପତ୍ର କୁଡିଆଟିଏ କରି ଏକ ଛୋଟ ବାଉଁଶ ପୋତିଥାନ୍ତି । ଏଥି ମଧ୍ୟରେ ଥିବା ଚଟାଣକୁ ଗୋବର ଦ୍ୱାରା ଭଲ ଭାବରେ ଲିପାପୋଛା କରି ସେମାନଙ୍କର ଆରାଧ ଦେବାଦେବୀ ଲୋଗ୍‌ବିର ଓ ବୁଢ଼ୀମାଇଙ୍କୁ ପ୍ରତିଷ୍ଠା କରିଥାନ୍ତି । ଲୋକ୍‌ବିର (ପୁରୁଷ ଦେବତା)ଙ୍କୁ ଡାହାଣ ବା ଦକ୍ଷିଣ ପଟେ ଏବଂ ବୁଢ଼ୀମାଇ (ସ୍ତ୍ରୀ ଦେବୀ)ଙ୍କୁ ବାମ ପଟେ ଦୁଇଟି ପଥରକୁ ପାଖରେ ରଖି ଉକ୍ତ ଲିପା ପୋଛା ହୋଇଥିବା ପତ୍ର କୁଡିଆର ଚଟାଣ ମଧ୍ୟରେ ଆସ୍ଥାନ ଉପରେ ସ୍ଥାପନା କରିଥାନ୍ତି । ବାଉଣ୍ଣି ଦିନ ଘରର ମୁଖ୍ୟ ଲୋକ୍‌ବିର ଓ ବୁଢ଼ୀମାଇଙ୍କୁ ଧୂପ ଦୀପରେ ପୂଜା ଅର୍ପଣ ପୂର୍ବକ କୁକୁଡା ବଳି ପ୍ରଦାନ କରିଥାନ୍ତି । ଘର ମଧ୍ୟରେ ଥିବା ଅଢ଼ାରେନ୍ (ପିତୃ ଦେବତା) ବା ଆଜାଆଜିଙ୍କୁ ମଧ୍ୟ ଧୂପ ଦୀପ ପୂଜା ନୈବେଦ୍ୟ ଅର୍ପଣ ପୂର୍ବକ କୁକୁଡା ଓ ମଦ ଭୋଗ ଲଗାଇଥାନ୍ତି । ଉକ୍ତ ଦିନ କେବଳ୍ ଏହିପରି ପୂଜା କରି ନିଜ ନିଜ ଘରେ ଆନନ୍ଦରେ ଭୋଜି କରି ଖାଇବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରୁ ସକାଳ ବେଳା ମାଛ, ମାଂସ ସଂଗ୍ରହ କରି ଆଣିଥାନ୍ତି । ଭୋଜିଭାତ ଖାଇପିଇ ସଂଧ୍ୟାରେ ଆବାଳ ବୃଦ୍ଧ ବନିତା ନାଚ ଗୀତର ଆସରରେ ନିଜକୁ ହଜାଇ ଦେଇଥାନ୍ତି ।

ଦ୍ୱିତୀୟ ଦିନ ଅର୍ଥାତ ମକର ସଂକ୍ରାନ୍ତି ଦିନଟି ପ୍ରଥମ ଦିନ ବା ବାଉଣ୍ଣି ଦିନ ଠାରୁ ଅଧିକ ଉତ୍ସବ ମୁଖରିତ ହୋଇଥାଏ । ଏହି ଦିନ ପ୍ରତ୍ୟେକ ଘରେ ସ୍ତ୍ରୀ ଲୋକମାନେ ଅରୁଆ ଚାଉଳ ଚୁନାରେ ମକର ପିଠା ତିଆରି କରିଥାନ୍ତି । ମକର ପିଠାକୁ ସେମାନଙ୍କର ଦେବା ଦେବୀ ଓ ପିତୃ ପୁରୁଷଙ୍କୁ ଅର୍ପଣ କରିବା ପରେ ସେଥିରେ ଚୁଡା, ମୁଢ଼ି,

ଗୁଡ଼, ମଦ ଇତ୍ୟାଦି ମିଶାଇ ଆନନ୍ଦରେ ଖାଇଥାନ୍ତି । ସମୂହ ଭାବରେ ହେଉ ବା କେହି ଘୁଷୁରି ବା ଛେଳି କାଟିଲେ ଅନ୍ୟମାନେ କିଣି ନେଇ ଘରେ ଘରେ ମଦ ମାଂସର ବ୍ୟବସ୍ଥା କରିଥାନ୍ତି । ମକର ପର୍ବରେ ସ୍ତ୍ରୀ ପୁରୁଷ ଉଭୟ ମଦ୍ୟପାନ କରିଥାନ୍ତି । ରାତିରେ ଟଣ୍ଡାର ସମସ୍ତ ଆବାଳ ବୃଦ୍ଧ ବନିତା ମିଶି ନାଚ ଗୀତରେ ବିଭୋର ହୋଇ ଉଠିଥାନ୍ତି ।

ତୃତୀୟ ଦିନ ଅର୍ଥାତ "ମାଙ୍କଡ଼-ନଚା" ଦିନ ବିଗତ ଦୁଇ ଦିନଠାରୁ ଅଧିକ ଆନନ୍ଦ ଉପଭୋଗର ଦିନ ରୂପେ ବିବେଚିତ ହୋଇଥାଏ । ଉକ୍ତ ଦିନ ମାଙ୍କଡ଼ିଆ ମାନେ ଆଖ ପାଖର ବିଭିନ୍ନ ଗ୍ରାମ ଗୁଡ଼ିକୁ ଯାଇ ମକର ଭିକ୍ଷା ସଂଗ୍ରହ କରିଥାନ୍ତି । ଏମାନେ ଏହି ଭିକ୍ଷା ସଂଗ୍ରହ ପ୍ରକ୍ରିୟାକୁ ଗୋଟିଏ ଦିନରେ ସମାପ୍ତ ନକରି ଦୁଇ ତିନି ଦିନ ପର୍ଯ୍ୟନ୍ତ ଚାଲୁ ରଖିଥାନ୍ତି । ବାଜା ବଜାଇ ନାଚ ଗୀତ କରି ପିଲାମାନେ ମାଙ୍କଡ ଡ଼େଇଁଲା ପରି ଡ଼େଇଁ ଡ଼େଇଁ ଗ୍ରାମ ଗ୍ରାମ ବୁଲି ମକର ଭିକ୍ଷା ସଂଗ୍ରହ କରି ଆଣନ୍ତି । ସଂଗୃହୀତ ଚାଉଳକୁ ହାଣ୍ଡିଆ ମଦରେ ପରିଣତ କରି ଗ୍ରାମର ସବୁଯାକ ଲୋକ ପିଇଥାନ୍ତି । ଭୋଜି ଭାତ କରି ଖାଇ ପିଇ ନିଜକୁ ନାଚଗୀତରେ ହଜାଇ ଦିଅନ୍ତି । ଏହିପରି ଭାବରେ ମକର ପର୍ବକୁ ଅତି ଆନନ୍ଦରେ ପାଳନ କରିଥାନ୍ତି ।

ମକର ପର୍ବର ଅନ୍ୟଏକ ବିଶେଷତ୍ୱ ହେଲା ବାଉଣ୍ଡି ଦିନ ଜନ୍ମ ହୋଇଥିବା ପିଲାମାନଙ୍କର ନାମ କରଣ । ଏହି ଦିନ ପିଲାମାନଙ୍କର ନାମକରର କରିଥାନ୍ତି ଏବଂ ଏହି ପର୍ବ ଦିନ ମଧ ଯେଉଁମାନଙ୍କର କାନ, ନାକ ଫୋଡ଼ିବା କଥା, ବିଧି ମୁତାବକ ପୂଜା ପାଠକରି କାନ ନାକ ଫୋଡ଼ାଇ ଥାନ୍ତି । ଏହା କିପରି ହୋଇଥାଏ, ଏ ସମ୍ବନ୍ଧରେ କର୍ମକର୍ମାଣି ବିଭାଗସ୍ଥ ନାମକରଣ ଓ କାନ ଓ ନାକ ଫୋଡ଼ା ଉତ୍ସବରେ ବର୍ଣ୍ଣିତ ହୋଇଅଛି ।

## ୨- ମାଘ ପରବ

ମାଘ ମାସର ପ୍ରଥମ ରବିବାର ଦିନ ମାଙ୍କଡ଼ିଆମାନେ ଗୋଷ୍ଠୀଗତ ଭାବରେ ଗୋଟିଏ ଟଣ୍ଡା ବା ଗ୍ରାମରେ ଏହି ମାଘ ପର୍ବକୁ ପାଳନ କରିଥାନ୍ତି । ଏହି ପର୍ବ ପାଳନ କରିବାର କିଛି ଦିନ ପୂର୍ବରୁ ଟଣ୍ଡାର ସମସ୍ତ ବୟସ୍କ ବ୍ୟକ୍ତି ତଥା ଟଣ୍ଡାର ମୁଖିଆ, ଦେହୁରୀ, ଡାକୁଆ ମାନେ ମିଶି ଏକ ସଭାର ଆୟୋଜନ କରିଥାନ୍ତି । ଏହି ସଭାରେ ମାଘ ପର୍ବ ଉପଲକ୍ଷେ ପର୍ବକୁ କିପରି ଭାବରେ ପାଳନ କରାଯିବ ଏବଂ ଚାନ୍ଦା କେତେ ପରିମାଣରେ ଘରପିଛା ଆଦାୟ କରାଯିବ ସେ ସମସ୍ତ ଆଲୋଚନା କରିଥାନ୍ତି । ପ୍ରତ୍ୟେକ ପରିବାର ଏହି ପର୍ବକୁ ନିଜ ନିଜ ଘରେ ପାଳନ କରିବା ସହିତ ଦେହୁରୀ ଘରେ ଗୋଷ୍ଠୀଗତ ଭାବରେ ପାଳନ କରିଥାନ୍ତି ।

ଟଣ୍ଡାର ପ୍ରତ୍ୟେକ ବ୍ୟକ୍ତି ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନ ନିର୍ବାହ କରିବା ପାଇଁ ପୂଜିତ ଦେବତାଙ୍କ ଠାରୁ ଆଶିର୍ବାଦ ଭିକ୍ଷା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ସେମାନେ ନିଜର ଜୀବିକା ନିର୍ବାହ କରିବା ପାଇଁ ମୁଖ୍ୟତଃ ବଣ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି । ବଣ ଜଙ୍ଗଲରୁ ଶିଆଳି ଲଟା ସଂଗ୍ରହ କରି ଏଥିରେ ବିଭିନ୍ନ ପ୍ରକାର ଶିକା, ଦଉଡ଼ି ତଥା ଅନ୍ୟାନ୍ୟ ପଦାର୍ଥ ତିଆରି କରି ସ୍ଥାନୀୟ ହାଟ ବଜାରରେ ବିକ୍ରି କରି ପେଟ ପୋଷିଥାନ୍ତି । ବିଶେଷ କରି ବଣ ଜଙ୍ଗଲରେ ବୁଲିବା ସମୟରେ କିଛି ଦୈବୀ ଦୁର୍ବିପାକ ବିପଦ ଆପଦ ନ ଘଟିବା ପାଇଁ ମଧ୍ୟ ସେମାନେ ଏହି ମାଘ ପର୍ବର ଆୟୋଜନ କରିଥାନ୍ତି । ସେମାନଙ୍କର ଦୃଢ଼ ବିଶ୍ୱାସ ଯେ, ଯଦି ସେମାନେ ଏହି ପର୍ବ ପାଳନ ନ କରିବେ ତାହାହେଲେ ରୋଗ, ବ୍ୟାଧି, ଜ୍ୱର, ମହାମାରୀ,

ସାପକାମୁଡ଼ା, ଭାଲୁ କାମୁଡ଼ା, ବାଘ ମୁହଁରେ ଯିବା ଆଦି ଅଘଟଣମାନ ନିଶ୍ଚୟ ଘଟିବ ।

ଏହି ପର୍ବକୁ ଘରେ ଘରେ ବ୍ୟକ୍ତିଗତ ଭାବରେ ପାଳନ କଲେ ମଧ ଦେହୁରୀ ଘରେ ଗୋଷ୍ଠୀଗତ ଭାବରେ ପାଳିତ ହେଉଥିବାରୁ ପ୍ରତ୍ୟେକଙ୍କୁ କିଛି କିଛି ଚାନ୍ଦା ଦେବାକୁ ପଡ଼ିଥାଏ । ମାତ୍ର ଏହି ଚାନ୍ଦାର ପରିମାଣ ଅଧିକ ହୋଇ ନଥାଏ । ଏକ ଟଙ୍କା ବା ଦୁଇଟଙ୍କା କରି ସଂଗ୍ରହ କଲେ ଏହା ସେମାନଙ୍କର ପୂଜାଉପକରଣ ପାଇଁ ଯଥେଷ୍ଟ ହୋଇଥାଏ । ଏହି ସଂଗୃହୀତ ଚାନ୍ଦାରେ ସେମାନେ ତଳ ଲିଖିତ ପୂଜାଉପକରଣ ଯୋଗାଡ଼ କରିଥାନ୍ତି ।

**ଉପକରଣ**

ଅରୁଆ ଚାଉଳ, ସିନ୍ଦୁର, କୁକୁଡ଼ା ଦୁଇଗୋଟା (ଗୋଟିଏ ନାଲି ଓ କୋଟିଏ କଳା), ହାଣ୍ଡିଆ ମଦ, ଅନ୍ୟ ଏକ କୁକୁଡ଼ା, ଧୂପ, ଦୀପ, ହଳଦୀ ଗୁଣ୍ଡ ଇତ୍ୟାଦି ।

**ପୂଜା ବିଧି**

ପୂଜାଦିନ ଅର୍ଥାତ ରବିବାର ଦିନ ସକାଳବେଳା ସ୍ନାନାଦି ନିତ୍ୟ କର୍ମ ଶେଷ କରି ଦେହୁରୀ ଠାକୁର ପୂଜା ଉଦ୍ଦେଶ୍ୟରେ ପର୍ବ ପାଇଁ ପ୍ରସ୍ତୁତି ହୋଇଥାନ୍ତି । ପୂଜା ପୂର୍ବରୁ ଗ୍ରାମର ଡାକୁଆ ସମସ୍ତଙ୍କୁ ପୂଜା ଉଦ୍ଦେଶ୍ୟରେ ଡାକି ଏକତ୍ର କରିଥାନ୍ତି । ଟୋଲାର ସମସ୍ତ ବୁଢ଼ା ଓ ବୟସ୍କ ଲୋକେ ଗାଧୁଆ କର୍ମ ଇତ୍ୟାଦି ସାରି କୁଢ଼ା ମୂଳେ ଏକତ୍ରିତ ହୋଇଥାନ୍ତି । କୁଢ଼ା ବା ଠାକୁର ପୂଜା ସ୍ଥଳୀ ଜାନି ବା ଦେହୁରୀ ଘରର ପଛ ପଟରେ ଥିବା ଲୋଗବିର ଓ ବୁଢ଼ୀ ମାଈଙ୍କର ପୂଜିତ ଆସ୍ଥାନ

ସ୍ଥଳୀ ଅଟେ । ସମସ୍ତେ ମିଶି ଏଠାରେ ଏକ ନୂତନ ଆସ୍ଥାନ ତିଆରି କରନ୍ତି । ଘର ପଛ ପଟରେ ଥିବା ଆସ୍ଥାନରେ ଦେହୁରୀ ପୂଜା କରିଥାନ୍ତି। ମାତ୍ର ପ୍ରତ୍ୟେକ ପରିବାରର ବୟସ୍କ ଲୋକ ନିଜ ନିଜ ଘରର ପଛ ପଟରେ ଥିବା ଆସ୍ଥାନରେ ସାଧା ପୂଜା କରୁଥିବା ବେଳେ କେବଳ ଦେହୁରୀ ତାର ପତ୍ର କୁଡିଆ ଆସ୍ଥାନରେ ଚାନ୍ଦାରେ ସଂଗୃହୀତ କୁକୁଡ଼ା ବଳି ଲୋକବିର୍ ଓ ବୁଢ଼ାମାଇଙ୍କୁ ଦେଇଥାନ୍ତି । ଏତଦ୍ ବ୍ୟତୀତ ଘରେ ଘରେ ପିତୃ ପୁରୁଷଙ୍କୁ (ଆଜା-ଆଜି) ମଦ ଓ କୁକୁଡ଼ା ବଳି ଅର୍ପଣ କରି ପୂଜା କରିଥାନ୍ତି । ଏହି ପର୍ବରେ ପ୍ରତ୍ୟେକ ଘରର ଆସ୍ଥାନ (ପତ୍ର କୁଡ଼ିଆ)ରେ ଗୋଟିଏ ଲେଖାଁ ସଗି ଡ଼ାଳ ରଖି ପୂଜା କରାଯାଇଥାଏ । ପୂଜା ପରେ ଏହି ଡ଼ାଳକୁ ଅଲଗା ବାହାର କରି ଆଣି ସଂପୂର୍ଣ୍ଣ ରୂପେ ନିଆଁ ଲଗାଇ ପୋଡ଼ି ଦେଇଥାନ୍ତି । ଏହା ତାଙ୍କର ପ୍ରଚଳିତ ସାମାଜିକ ବିଧି ଅନୁଯାୟୀ ପାଳିତ ହୋଇଥାଏ । ଏହା ପୋଡ଼ିବା ଦ୍ୱାରା ଟଣ୍ଡାରୁ (ଗ୍ରାମରୁ) ରୋଗ, ବୈରାଗ, ଭୂତ ପ୍ରେତ ଦୂର ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ । ପ୍ରଥମେ ପ୍ରତ୍ୟେକ ନିଜ କୁଡ଼ା ବା ଆସ୍ଥାନ (ପତ୍ର କୁଡ଼ିଆ)ରେ ପୂଜା କଲାପରେ ଦେହୁରୀ ଘରେ ପୂଜା ପାଇଁ ଏକତ୍ରିତ ହୋଇଥାନ୍ତି । ସେଠାରେ ସଂଗୃହୀତ ଚାନ୍ଦାରୁ ଅଣାଯାଇଥିବା କୁକୁଡ଼ା, ଆସ୍ଥାନରେ ବଳି ଦେଇ ପୂଜା କରିଥାନ୍ତି। ଜୁଆଙ୍ଗ, ଭୂୟାଁ ଅଦିବାସୀ ମାନଙ୍କ ପରି ଏମାନେ ମଧ୍ୟ ବଳିଦାନ କରିବା ପୂର୍ବରୁ ପ୍ରଥମେ କୁକୁଡ଼ାକୁ ପୂଜାର ହଳଦି ଗୁଣ୍ଡ ମିଶା ଅରୁଆ ଚାଉଳ ଖାଇବାକୁ ଦେଇଥାନ୍ତି । କୁକୁଡ଼ା ନ ଖାଇବା ପର୍ଯ୍ୟନ୍ତ ତାକୁ ବଳି ଦେଇ ନଥାନ୍ତି । ବଳିଦାନ ପରେ କେବଳ ପୁରୁଷ ଲୋକମାନେ ଦେହୁରୀ ଘରେ ରାନ୍ଧିବାଢ଼ି ଖାଇଥାନ୍ତି ଏବଂ ହାଣ୍ଡିଆ ମଦ ମଧ୍ୟ ପିଇଥାନ୍ତି । ବଳି ଅର୍ପଣ କଲାବେଳେ କୁକୁଡ଼ାକୁ କାଟି ତାର

ମୁଣ୍ଡର ରକ୍ତକୁ ଲୋକବିର ଓ ବୁଢ଼ୀମାଇଙ୍କ ମଥା ଉପରେ ଅର୍ପଣ କରିଥାନ୍ତି । ଘରେ ଘରେ ଭୋଜି ଭାତର ଆସର ଜମିଯାଏ । ଏହି ପର୍ବ ଦିନକୁ ମଧ୍ୟ 'ନିଣ୍ଡା' କହିଥାନ୍ତି । ଅପରାହ୍ନରେ ଟଣ୍ଡାର ଆବାଳ ବୃଦ୍ଧ ବନିତା ସମସ୍ତେ ମିଶି ବାଜା ବଜାଇ, ଗୀତ ଗାଇ ବିଭିନ୍ନ ଢ଼ଙ୍ଗରେ ନାଚ କରିଥାନ୍ତି । ମାଦଳ, ଧୋସା, ନାଗରା (ନାଙ୍ଗଡ଼ା), ଡୁମଦା, ଝୁମୁର ଇତ୍ୟାଦି ସେମାନଙ୍କର ପ୍ରଧାନ ବାଦ୍ୟଯନ୍ତ୍ର ଅଟେ ।

ଉପର ବର୍ଣ୍ଣିତ ଦୁଇଟି ପ୍ରଧାନ ପର୍ବ ବ୍ୟତୀତ ସେମାନେ ଫଗୁଣ ବୋଙ୍ଗା ବା ଫଗୁଣ୍ ମାସରେ ମହୁଲ ନୂଆଖିଆ, ଚୈତ୍ର ବୋଙ୍ଗା ବା ଚୈତ୍ର ମାସରେ ଆମ ନୂଆ ଖିଆ, ଆଷାଢ଼ ବୋଙ୍ଗା ବା ଆଷାଢ଼ ମାସରେ ରଜ ଓ ପରବ ବୋଙ୍ଗା ବା ପୌଷ ମାସରେ ମକର ପର୍ବ ପାଳନ କରିଥାନ୍ତି । ମାତ୍ର ଏହି ପର୍ବ ଗୁଡ଼ିକ ଏତେ ଉତ୍ସବ ମୁଖରିତ ହୋଇନଥାଏ । ଏଗୁଡ଼ିକ ସେମାନଙ୍କର ମୌଳିକ ପର୍ବ ନୁହେଁ । ଏହି ପର୍ବ ମାନଙ୍କୁ ସେମାନେ ଅନ୍ୟ ଆଦିବାସୀ ସମ୍ପ୍ରଦାୟ ଯଥା ସାନ୍ତାଳ, କୋହ୍ଲ ମାନଙ୍କ ଠାରୁ ଦେଖି ପାଳନ କରିଥାନ୍ତି । ଏହି ପର୍ବ ଗୁଡ଼ିକରେ ବିଶେଷ କିଛି ପୂଜାର ଆୟୋଜନ କରାଯାଏ ନାହିଁ । କେବଳ ଘରେ ଘରେ ଭୋଜିଭାତ କରି ସନ୍ଧ୍ୟାରେ ମଦପିଇ ବାଜାର ତାଳେ ତାଳେ ନୃତ୍ୟ ବିଭୋର ହୋଇ ଉଠନ୍ତି ।

ସେମାନେ ଧାନ ଚାଷ କରୁ ନଥିବାରୁ ଧାନ ନୂଆଖିଆରେ ବଜାରରୁ ନୂଆ ଧାନର ଚାଉଳ କିଣି ଆଣି ଏହି ପର୍ବକୁ ପାଳନ କରିଥାନ୍ତି । ପ୍ରତ୍ୟେକ ପର୍ବରେ ମାଙ୍କଡ଼ିଆ ଆଦିବାସୀ ମାନେ ତାଙ୍କର ପୂଜିତ ଦେବା ଦେବୀ ଲୋକବିର, ବୁଢ଼ୀମାଇ ବା (ବୁଢ଼ା ଲୋକ

ବୁଢ଼ୀମାତା), ସିଙ୍ଗବୋଙ୍ଗା (ସୂର୍ଯ୍ୟ ଦେବତା) ଓ ଘରେ ପୂଜା ପାଉଥିବା ପିତୃ ପୁରୁଷ (ଅଢ଼ାରେନ ବା ଆଜା ଆଜିଙ୍କୁ) ପୂଜା କରି ମଦ ଓ କୁକୁଡ଼ା ବଳି ଅର୍ପଣ କରିଥାନ୍ତି ।

# କର୍ମ-କର୍ମାଣି

ମାଙ୍କଡ଼ିଆମାନେ ଚିରାଚରିତ ପ୍ରଥା, ସାମାଜିକ ରୀତି ନୀତି ଅନୁଯାୟୀ ଜନ୍ମ ଉତ୍ସବ, ନାମ କରଣ, କାନ ଓ ନାକ ଫୋଡା, ପ୍ରଥମ ବାଳକଟା, ରଜଃପ୍ରାପ୍ତି, ବିବାହ ଓ ମୃତାହ କର୍ମ-କର୍ମାଣି ନିଷ୍ଠାର ସହିତ ପାଳନ କରିଥାନ୍ତି । ଏହି କର୍ମ-କର୍ମାଣି ଗୁଡ଼ିକୁ ସେମାନେ ନିମ୍ନମତେ ପାଳନ କରିଥାନ୍ତି ।

୧- ଜନ୍ମୋତ୍ସବ

ସାଧାରଣତଃ ମାଙ୍କଡ଼ିଆ ସ୍ତ୍ରୀ ଲୋକମାନେ ବହୁ ସମୟ ଘରେ ରହି ବିତାଇ ଥାନ୍ତି । ପୁରୁଷ ଲୋକ ମାନେ ଜଙ୍ଗଲରୁ ଶିଆଳି ଲଟା ବା ପଟ ଆଣିଥାନ୍ତି । ସେଥିରୁ ଉଭୟ ସ୍ତ୍ରୀ ଓ ପୁରୁଷ ଲୋକ ମିଶି ଦଉଡ଼ି, ଶିକା ଓ ବହୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତିଆରି କରିଥାନ୍ତି । ଅନ୍ୟ ପକ୍ଷରେ ଗର୍ଭବତୀ ମହିଳାମାନଙ୍କୁ ସାଧାରଣତଃ ବହୁତ କମ୍‌କାମ କରିବାକୁ ଦେଇଥାନ୍ତି । ନଚେତ୍ ଗର୍ଭାବସ୍ଥାରେ ପିଲାପ୍ରତି ତଥା ମା ପ୍ରତି କିଛି ଅସୁବିଧା ଘଟିବା ସେମାନେ ଆଶଙ୍କା କରିଥାନ୍ତି । ସେମାନଙ୍କର ସାମାଜିକ ପ୍ରଥାନୁସାରେ ସ୍ତ୍ରୀ ଲୋକମାନେ କୌଣସି ଧର୍ମାନୁଷ୍ଠାନ ବା ପୂଜା ପାର୍ବଣରେ ଭାଗ ନେଇ ନ ଥାନ୍ତି । ଅତ୍ୟଧିକ ଗରିଷ୍ଠ ଖାଦ୍ୟ ବା ମାଛ ମାଂସ ଖାଇବା ଓ ଜଙ୍ଗଲକୁ ଯିବା ନିଷେଧ କରାଯାଇଥାଏ । ଶିଶୁଟି ଜନ୍ମ ହେବା ସମୟରେ ଗର୍ଭବତୀ ମହିଳାକୁ

ସାହାଯ୍ୟ କରିବା ପାଇଁ ଟଣ୍ଡାର ଜଣେ ବୟସ୍କା ତଥା ପୁରୁଖା ସ୍ତ୍ରୀ ଲୋକ ଆସିଥାଏ । ଏହି ସ୍ତ୍ରୀ ଲୋକଟିକୁ ଧାଇ ବା ଧାଇବୁଢ଼ୀ କହିଥାନ୍ତି । ଶିଶୁଟିଏ ଜନ୍ମ ହେବାପରେ ତାର ନାଭିଟିକୁ ଗୋଟିଏ ଧାତୁ ନିର୍ମିତ ମୁଦ୍ରା ଉପରେ ରଖି ତୀକ୍ଷ୍ଣ ତୀରର ଅଗ୍ରଭାଗ ଦ୍ୱାରା କାଟିଥାନ୍ତି । କେହି କେହି ଲୁହାର ଛୁରୀ ମଧ୍ୟ ବ୍ୟବହାର କରିଥାନ୍ତି । ଜନ୍ମ ହେବାର ଖବର ପ୍ରଚାର ହେବାମାତ୍ରେ ଟଣ୍ଡା ବା ଗ୍ରାମରେ ନାଚଗୀତର ଆସର ଜମିଥାଏ । ଆବାଳ ବୃଦ୍ଧ ବନିତା ସମସ୍ତେ ମିଶି ବାଜା ବଜେଇ ଗୀତ ଗାଇ ନାଚଗୀତ କରିଥାନ୍ତି । ଉକ୍ତ ନାଭି ଓ ଫୁଲକୁ ଘର ପଛ ପଟେ ଗାତ ଖୋଳି ପୋତି ଦେଇଥାନ୍ତି । ପେଟରେ ଲାଗିଥିବା ନାଭି ନାଡ଼ର ଅଗ୍ରଭାଗକୁ ଗୋଟିଏ ଛୋଟ ସୂତାରେ ବାନ୍ଧି ଦେଇଥାନ୍ତି । ଶିଶୁଟି ଜନ୍ମ ହେଲାପରେ ଟଣ୍ଡାର ସମସ୍ତ ବାସିନ୍ଦା ନିଜକୁ ଅଶୁଚି ମନେ କରିଥାନ୍ତି । ଏହି ଅଶୁଚି କାର୍ଯ୍ୟ ପ୍ରାୟ ଷଷ୍ଠ ଦିନ ପର୍ଯ୍ୟନ୍ତ ଅର୍ଥାତ ପ୍ରସୁତୀ ମହିଳା ଶୁଚି ହେବା ପର୍ଯ୍ୟନ୍ତ ମାନିଥାନ୍ତି । ଏହି ଅଶୁଚି ଦିନ ଗୁଡ଼ିକରେ ଟଣ୍ଡା ମଧ୍ୟରେ କୌଣସି ଧର୍ମାନୁଷ୍ଠାନ ବା ପୂଜା-ପାର୍ବଣ କାର୍ଯ୍ୟ ନିଷିଦ୍ଧ ଥାଏ । ଷଷ୍ଠ ଦିନରେ ପ୍ରସୁତୀ ମହିଳା ଓ ପିଲା ପ୍ରଥମକରି ଗାଧେଇଥାନ୍ତି । ମାଁ ନିଜ ଚୁଟିରୁ ପାଣି ନିଗାଡ଼ି ଉକ୍ତ ଦିନ ଶିଶୁଟିର ପାଟିରେ ଦେଇଥାଏ । ଏହା ଦ୍ୱାରା ଶିଶୁଟି ଜୀବନ ସାରା ତୃଷାର୍ତ୍ତ ହୁଏ ନାହିଁ ବୋଲି ମାଙ୍କଡ଼ିଆ ମାନଙ୍କର ବିଶ୍ୱାସ । ଏହି ଦିନ ଗ୍ରାମବାସୀମାନେ ମଧ୍ୟ ଶୁଚି କର୍ମକୁ ମାନିଥାନ୍ତି । ଜନ୍ମିତ ଶିଶୁର ପିତା ଗ୍ରାମବାସୀଙ୍କୁ ଖବର କରିଥାନ୍ତି ।ପରେ ସମସ୍ତେ ଗାଧୋଇ କରି ଶୁଚି ହୋଇଥାନ୍ତି । ଶିଶୁର ବାପା ସମସ୍ତଙ୍କୁ ହାଣ୍ଡିଆ ପିଇବାକୁ ଦେଇ ଆପ୍ୟାୟିତ କରିଥାନ୍ତି । ଦେହୁରୀ ଟଣ୍ଡାଟିକୁ ପବିତ୍ର କରିବା ପାଇଁ ଜନ୍ମିତ ଶିଶୁର ପିତା ପାଖରୁ ଗୋଟିଏ କୁକୁଡ଼ା, ସିନ୍ଦୁର, ଦୁଇ ମୁଠା ଅରୁଆ

ଚାଉଳ, ଗାଈକ୍ଷୀର ନେଇ ଟଣ୍ଡାରେ ପୂଜାପାଠ କରିଥାନ୍ତି । କିନ୍ତୁ ଜନ୍ମିତ ଶିଶୁର ପରିବାର ପୂର୍ବପରି ଅଶୌଚ ରହିଥାନ୍ତି ।

ଜନ୍ମର ସପ୍ତମ ଦିନରେ କ୍ରିୟା କର୍ମ କରାଯାଇଥାଏ । ଏଥିରେ ଦେହୁରୀ ସମ୍ପର୍କୀୟ ଲୋକମାନେ ଉପସ୍ଥିତ ରହି କାର୍ଯ୍ୟରେ ଭାଗ ନେଇଥାନ୍ତି । ନିକଟସ୍ଥ ଜଳାଶୟକୁ ଅନ୍ୟ ମହିଳାମାନଙ୍କ ଗହଣରେ ପ୍ରସୁତୀ ମହିଳାଙ୍କୁ ନେଇଥାନ୍ତି । ସେଠାରେ ତାଙ୍କୁ ହଳଦି ଲଗାଇ ଗୋଧୋଇ ଦେଇଥାନ୍ତି । ଘରକୁ ଫେରି ସେ ପୁରୁଣା ମାଟି ପାତ୍ରକୁ ଫିଙ୍ଗି ଦେଇଥାନ୍ତି ଏବଂ ନୂତନ ପାତ୍ରରେ ରୋଷେଇ କରିଥାନ୍ତି । ଶିଶୁଟିର ପିତା ଶିଶୁର ବାଳକୁ ଖିଅର କରି ଦିଅନ୍ତି । ଏହା ତାହାର ପ୍ରଥମ ବାଳକଟା ହୋଇଥାଏ । ଇତ୍ୟବସରରେ ଦେହୁରୀ ବଂଶ ଦେବତା ତଥା ମୁଖ୍ୟ ଦେବାଦେବୀ ଲୋଗବିର ଏବଂ ବୁଢ଼ାମାଇଙ୍କୁ ପୂଜା କରିଥାନ୍ତି । ଘର ପଛରେ ଥିବା ଠାକୁର-ଶାଳକୁ ଗୋବର ପାଣିରେ ଲିପି ସେଠାରେ ଅରୁଆ ଚାଉଳ, ସିନ୍ଦୁର, ହଳଦୀ, ହାଣ୍ଡିଆ ରଖାଯାଇ ଗୋଟିଏ ଲାଲ ଓ ଗୋଟିଏ କଳା କୁକୁଡ଼ା ବଳି ଦେଇଥାନ୍ତି । ମାଂସକୁ ରନ୍ଧା ଯାଇ ସମସ୍ତଙ୍କୁ ଭୋଜି ଖାଇବାକୁ ଦିଆଯାଇଥାଏ । ଆନନ୍ଦରେ ଭୋଜି ଖାଇ ମଦ୍ୟପାନକରି ଗୀତ ଓ ନାଚରେ ସମସ୍ତେ ମଉଜ ମଜଲିସ୍ କରିଥାନ୍ତି ।

## ୨- ନାମ କରଣ

ଶିଶୁଟି ଯେଉଁଦିନ ଜନ୍ମ ହେଉନା କାହିଁକି, ତାର ଜନ୍ମଠାରୁ ପ୍ରଥମ ମକରରେ ଶିଶୁଟିର ନାମକରଣ କରାଯାଇଥାଏ । ଏହି ନାମକରଣ ପୂଜାକୁ ଦେହୁରୀ ମକର ସଂକ୍ରାନ୍ତି ଦିନ ପୂଜାପାଠକରି କରାଇଥାନ୍ତି ।

ଏହି ନାମକରଣ କାର୍ଯ୍ୟ ମକର ପର୍ବରେ ଟଣ୍ଡାରେ ପୂଜାସ୍ଥଳୀରେ ନ ହୋଇ ନିଜ ଘରେ ଦ୍ୱିତୀୟ ଦିନ ଅର୍ଥାତ ସଂକ୍ରାନ୍ତି ଦିନ ସକାଳୁ ପୂଜାବିଧି ମାଧ୍ୟମରେ କରିଥାନ୍ତି ।

**ଉପକରଣ**

ଅରୁଆ ଚାଉଳ, କୁକୁଡା - ଗୋଟିଏ କଳା ଓ ଗୋଟିଏ ଲାଲ୍, ସିନ୍ଦୁର, ହଳଦି ଇତ୍ୟାଦି ।

**ବିଧି**

ଦେହୁରୀ ମକର ସଂକ୍ରାନ୍ତି ଦିନ ସକାଳ-ବେଳା ପୂଜାପାଠ କରି ଗୋଟିଏ କଳା କୁକୁଡା ବୁଢ଼ାମାଇ ଓ ନାଲି କୁକୁଡ଼ାକୁ ଲୋକବିରଙ୍କ ଉଦ୍ଦେଶ୍ୟରେ ବଳି ପ୍ରଦାନ କରିଥାନ୍ତି । ଏହାପରେ ଗୋଟିଏ ପାତ୍ର (ବେଲା) ରେ ପାଣିରଖି ସିଙ୍ଗବୋଙ୍ଗାଙ୍କ ନାମରେ ପ୍ରଥମେ ଗୋଟିଏ ଅରୁଆ ଚାଉଳ ପକାଇଥାନ୍ତି । ଦ୍ୱିତୀୟ ଦିନ ଚାଉଳ ପକାଇବା ଠାରୁ ସେ ପୁତ୍ର ଶିଶୁ ପାଇଁ ବଂଶର ପୂର୍ବ ପୁରୁଷ ମାନଙ୍କ ନାମ ଏବଂ କନ୍ୟା ଶିଶୁ ପାଇଁ ବଂଶର ମୃତ ସ୍ତ୍ରୀ ଲୋକଙ୍କର ନାମ ଗୋଟିକ ପରେ ଗୋଟିଏ ଉଚ୍ଚାରଣ କରି ପାତ୍ର ମଧ୍ୟକୁ ପକାଇ ଥାନ୍ତି । ପକାଇବା ସମୟରେ ସେ ଅତି ସତର୍କତା ଅବଲମ୍ବନ କରି ଦେଖିଥାନ୍ତି ନାମ ଉଚ୍ଚାରଣ କରି ପାତ୍ର ମଧ୍ୟରେ ପଡ଼ିଥିବା ପ୍ରଥମ ଚାଉଳ ସହ ଯୋଡ଼ି ହୋଇ ରହିଯିବା ଚାଉଳର ନାମ ଅନୁସାରେ ଉକ୍ତ ଶିଶୁର ନାମ କରଣକରିଥାନ୍ତି । ନାମକରଣ ପରେ ଶିଶୁଟିର ପିତାମାତା ଭୋଜି ଭାତର ଆୟୋଜନ କରି ମଦ୍ୟପାନ ଓ ନାଚଗୀତରେ ଉତ୍ସବ ପାଳନ କରିଥାନ୍ତି ।

### ୩- କାନଫୋଡ଼ା ଓ ନାକଫୋଡ଼ା

ଏହି କର୍ମ-କର୍ମାଣି ମଧ ମକର ପର୍ବର ବାଉଣ୍ଡି ଦିନରେ ଅର୍ଥାତ ପର୍ବର ପ୍ରଥମ ଦିନରେ ମାନିଥାନ୍ତି । ଉକ୍ତ ଦିନ ସକାଳ ବେଳା ଧାଇବୁଢ଼ୀ, ଯେଉଁମାନେ କାନ ନାକ ଫୋଡ଼େଇବେ ସେମାନଙ୍କ ଘରକୁ ଯାଇ "ବୁଢ଼ୀଦେବୀ" (ସୂର୍ଯ୍ୟ ଦେବତାଙ୍କର ସ୍ତ୍ରୀ)ଙ୍କୁ ଅରୁଆ ଚାଉଳ, ହଳଦି, ଧୂପ, ଦୀପ ଦେଇ ଗୋଟିଏ କୁକୁଡ଼ା ବଳି ପକାଇଥାନ୍ତି । ପରେ ଯାନୁମ୍ (ଗୋଟିଏ ପ୍ରକାର ଗୁଳ୍ମର କଣ୍ଟା)ରେ କାନ ଓ ନାକକୁ ଫୋଡ଼ାଇ ଗୋଟିଏ ଲେଖାଏଁ ଖିଲ ଦେଇଥାନ୍ତି । ଏହି ପୂଜା କାର୍ଯ୍ୟ କାନ ନାକ ଫୋଡ଼ାଇ ଥିବା ପିଲାର ଘର ସାମନାରେ ଧାଇବୁଢ଼ୀ କରିଥାଏ ।

### ୪- ରଜଃ ପ୍ରାପ୍ତି

ମାଙ୍କଡ଼ିଆ ଭାଷାରେ ରଜପ୍ରାପ୍ତିକୁ "କୋଡ଼ିପୁନ୍" କହିଥାନ୍ତି । ଏହି କୋଡ଼ିପୁନ୍ ବା ମାସିକିଆ ଋତୁଃସ୍ରାବ ହେବାକୁ ମାଙ୍କଡ଼ିଆ ମାନେ ଅଶୁଚି ବା ଅପବିତ୍ର ମନେ କରିଥାନ୍ତି । ସାଧାରଣତଃ ଗୋଟିଏ ଝିଅକୁ ୧୪/୧୫ ବର୍ଷ ହେବା ପରେ ରଜଃ ପ୍ରାପ୍ତି ହୋଇଥାଏ । ଆଠଦିନ ପର୍ଯ୍ୟନ୍ତ ଏହି ଅଶୁଚି ପାଳନ କରାଯାଇଥାଏ ଏବଂ ଏହି ସମୟରେ ସେ ଘର ଭିତରେ ରହିଥାଏ । ପ୍ରତିଦିନ ସକାଳ ବେଳା ନଦୀ ବା ଝରଣାକୁ ନିଜର ଲୁଗାପଟା ନେଇ ସଫା ସୁତରା ହୋଇ ଗାଧୋଇ ଆସିଥାଏ । ରଜଃପ୍ରାପ୍ତି ହୋଇଥିବା ଝିଅ ବା ସ୍ତ୍ରୀ ଲୋକ କୌଣସି ପୂଜା କାର୍ଯ୍ୟ କର୍ମରେ ଯୋଗଦାନ କରିପାରି ନଥାଏ । ମାତ୍ର ଏମାନଙ୍କ

ନିକଟରେ ଏତିକି ପାର୍ଥକ୍ୟ ପରିଲକ୍ଷିତ ହୁଏ ଯେ ରଜଃପ୍ରାପ୍ତି ମହିଳା ମାନଙ୍କୁ ରୋଷେଇ କରିବା ବାରଣ ନଥାଏ ।

ଅଶୁଚିକାଳ ପରେ ଶୁଚିବନ୍ତ ହେବାପାଇଁ କେତେକ କର୍ମ-କର୍ମାଣିର ଆବଶ୍ୟକତା ଥାଏ । ରଜଃପ୍ରାପ୍ତିର ଅଷ୍ଟମ ଦିନରେ ଦେହୁରୀ ଆସି ''ଅଡ଼ାରେନ୍'' ବା ଗୃହମଧ୍ୟରେ ପୂଜା ପାଉଥିବା ପିତୃପୁରୁଷ ''ଅଜା ଆଜି''ଙ୍କୁ ପୂଜା ନୈବେଦ୍ୟାଦି ଓ ବଳି ଦାନ ମାଧ୍ୟମରେ ଉକ୍ତ ଝିଅକୁ ଶୁଚି କରାଇଥାନ୍ତି । ଏହି ପୂଜା ପାଇଁ ଦୁଇଟି କୁକୁଡ଼ା, ''ଆଜାଆଜି'' (ପିତୃ ପୁରୁଷ)ଙ୍କ ପାଇଁ, ଅରୁଆ ଚାଉଳ, ସିନ୍ଦୁର, ହାଣ୍ଡିଆ ଇତ୍ୟାଦି ଦରକାର ହୋଇଥାଏ । ଋତୁବତୀ ଝିଅଟି ଗାଧୋଇ ଆସିଲା ପରେ ତାକୁ ଏକ ନୂଆ ଶାଢ଼ୀ ପିନ୍ଧିବାକୁ ଦେଇଥାନ୍ତି । ଦେହୁରୀ ଘର ମଧ୍ୟରେ ପିତୃଦେବତା ବୁଢ଼ା ବୁଢ଼ୀଙ୍କ ନିକଟରେ ପୂଜା ଅର୍ପଣ କରି କୁକୁଡ଼ା ବଳି ପ୍ରଦାନ କଲାପରେ ଉକ୍ତ ଝିଅର ମଥାରେ ସିନ୍ଦୁର ଲଗାଇ ଦେଇଥାନ୍ତି । ଏହା ପର ଠାରୁ ଝିଅଟି ପୂର୍ବପରି ସମାଜରେ ଚଳି ପାରିଥାଏ । ବଳି ପଡ଼ିଥିବା କୁକୁଡ଼ାକୁ ଦେହୁରୀ ନେଇଥାନ୍ତି । ସନ୍ଧ୍ୟାରେ ଧାଙ୍ଗେଡ଼ା ଧାଙ୍ଗେଡି ମାନେ ଖାଇପିଇ ନାଚଗୀତରେ ଯୋଗ ଦେଇ ମଉଜ ମଜଲିସ୍ କରିଥାନ୍ତି । ଏହି ଋତୁ ସ୍ରାବ ହେବାପରେ ଝିଅ ବିବାହ ପାଇଁ ଯୋଗ୍ୟା ବିବେଚିତ ହୋଇଥାଏ । ତାଙ୍କର ପିତାମାତା ଝିଅର ବିବାହ ପାଇଁ ତତ୍ପରତା ପ୍ରକାଶ କରିଥାନ୍ତି ।

## ବିବାହ

ମାଙ୍କଡ଼ିଆ ମାନେ ସରଳ ତଥା ନିରାଡ଼ମ୍ବର ଜୀବନ ଯାପନ କରିଥାନ୍ତି । ସେମାନେ ଜୀବନର ବହୁ ସମୟ ମାଙ୍କଡ଼ ଧରିବା ଏବଂ

ଘଞ୍ଚ ଜଙ୍ଗଲ ମଧ୍ୟରୁ ଶିଆଳି ଲଟା ସଂଗ୍ରହ କରିବାରେ ବିତାଇ ଦେଇଥାନ୍ତି । ତେଣୁ ସେମାନଙ୍କର ବାହ୍ୟ ଜଗତ ସଂପର୍କରେ ଧାରଣା ବହୁତ କମ୍ । ବିବାହକୁ ସେମାନେ ଏକ ପବିତ୍ର ବନ୍ଧନ ରୂପେ ମାନିନେଇଥାନ୍ତି । ସାଧାରଣତଃ ପୁଅକୁ ୨୦ ରୁ ୨୫ ବର୍ଷ ମଧ୍ୟରେ ଏବଂ ଝିଅକୁ ୧୪ ରୁ ୧୮ ବର୍ଷ ମଧ୍ୟରେ ବିବାହ କରିଥାନ୍ତି । ବର୍ଷା ଋତୁକୁ ଛାଡ଼ି ବର୍ଷର ଅନ୍ୟଦିନ ଗୁଡ଼ିକରେ ସେମାନେ ସାଧାରଣତଃ ବିବାହ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି । ସର୍ବଦା ରବିବାରକୁ ଶୁଭଦିନ ଭାବି ବିଭାଘର ପାଇଁ ଦିନ ସ୍ଥିର କରିଥାନ୍ତି । ସେମାନଙ୍କ ସମାଜରେ ''ପ୍ରସ୍ତାବିତ'' ବିବାହ ଏବଂ ''ଧରିପଳା'' ବିବାହ ଦୁଇଟି ମୁଖ୍ୟ ଅଟେ । ଏହା ଛଡ଼ା ବିଧବା ବିବାହ, ପ୍ରେମ ବିବାହ, ମଧ୍ୟ ପରିଲକ୍ଷିତ ହୋଇଥାଏ । ମାତ୍ର ସାମାଜିକ ଦୃଷ୍ଟି କୋଣରୁ ବିଚାର କଲେ ପ୍ରସ୍ତାବିତ ବିବାହର ମାନ ମାଙ୍କଡ଼ିଆ ସମାଜରେ ବହୁ ଉଚ୍ଚରେ । ''ଝିକା ଟଣା'' ବିବାହ ଏମାନଙ୍କ ମଧ୍ୟରେ ପ୍ରାୟ ଦେଖାଯାଇ ନଥାଏ । ଏମାନଙ୍କ ମଧ୍ୟରେ ''କନ୍ୟାସୁନା'' (Brideprice) ପ୍ରଚଳିତ ଅଛି । ପ୍ରତ୍ୟେକ ପର୍ବପର୍ବାଣି, କର୍ମ କର୍ମାଣି ଓ ପୂଜା ପାର୍ବଣରେ ମଦ୍ୟପାନ ଉପରେ କୌଣସି ନିଷେଧାଜ୍ଞା ନଥାଏ ।

**କ- ପ୍ରସ୍ତାବିତ ବିବାହ**

ପୁଅର ବୟସ କୋଡିଏ ରୁ ପଚିଶ ବର୍ଷ ହେଲେ ତାହାର ବିବାହ ପାଇଁ ମାଙ୍କଡ଼ିଆ ମାନେ କନ୍ୟା ଖୋଜା ଆରମ୍ଭ କରିଥାନ୍ତି । ବରପିତା ପୁଅପାଇଁ କେଉଁ ଟଣ୍ଡାରେ କନ୍ୟା ଅଛି ଏ ବିଷୟରେ ତା'ର ନିକଟ ସମ୍ପର୍କୀୟ ଏବଂ ବନ୍ଧୁ ବାନ୍ଧବ ମାନଙ୍କ ପାଖରୁ ଖବର ସଂଗ୍ରହ କରିଥାନ୍ତି । ସମୟ ସୁବିଧା ଦେଖି ସେ (ବରପିତା) ତାଙ୍କ ସାଙ୍ଗ ସାଥିଙ୍କୁ ଧରି

କନ୍ୟାପିତା ଘରେ ହାଜର ହୁଅନ୍ତି ଏବଂ ବିବାହ ସମ୍ବନ୍ଧରେ ଅବଗତ କରାଇଥାନ୍ତି । କନ୍ୟାପିତା ରାଜିଥିଲେ ବରଟଣ୍ଡା ଦେଖିଯିବାକୁ ଏକ ନିର୍ଦ୍ଦିଷ୍ଟ ଦିନ ଠିକ୍ କରି ପ୍ରସ୍ତାବ ଦେଇଥାନ୍ତି । ଉଭୟ ପକ୍ଷର ମାତା ପିତା କନ୍ୟା ଓ ବରକୁ ଦେଖିବା ପରେ ବିବାହ ପ୍ରସ୍ତାବକୁ ସମର୍ଥନ ଜଣାଇଥାନ୍ତି । ଉଭୟ ପକ୍ଷ କୌଣସି ଏକ ରବିବାରକୁ ନିର୍ଦ୍ଦିଷ୍ଟ କରି ବିବାହ କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇଥାନ୍ତି ।

ନିର୍ଦ୍ଦିଷ୍ଟ ଦିନରେ ବର ନିଜର ପିତା, ଜାତି, କୁଟୁମ୍ବ ଗ୍ରାମବାସୀ ମାନଙ୍କୁ ଧରି କନ୍ୟା ଘରକୁ ଯାଇଥାନ୍ତି । ସେଠାରେ ପୂର୍ବରୁ ସମସ୍ତ ପ୍ରକାର ଆୟୋଜନ ହୋଇଥାଏ । ବିବାହ ନିମନ୍ତେ ଛାମୁଣ୍ଡା ବନ୍ଧା ଯାଇଥାଏ । ବରଦଳ ପହଞ୍ଚିବା ପରେ କନ୍ୟାଘରେ ସେମାନଙ୍କର ଅଭ୍ୟର୍ଥନା ହୋଇଥାଏ । ଭାତ, ମାଂସ, ହାଣ୍ଡିଆ ଇତ୍ୟାଦି ଭୋଜନରେ ଆପ୍ୟାୟିତ କରାଯାଏ । ଧାଙ୍ଗେଡ଼ା ଧାଙ୍ଗେଡ଼ୀମାନଙ୍କର ନାଚ ଓ ଗୀତ ମାଧମରେ ବିବାହ କାର୍ଯ୍ୟ ସମ୍ପାଦିତ ହୋଇଥାଏ । ତା ପରଦିନ ବିବାହ କାର୍ଯ୍ୟ ଆରମ୍ଭ ହୋଇଥାଏ । ଦୁଇଜଣ ଝିଅ ପିଲା ଦୁଇଟି ନୂତନ ମାଟି କଳସିରେ ପାଣି ଆଣି କନ୍ୟା ଘରର ଦୁଆର ମୁହଁର ଦୁଇପାଖରେ ରଖିଥାନ୍ତି । କଳସୀ ଉପରେ ଆମ୍ବଡ଼ାଳ ମଧ ରଖାଯାଏ । ଦୁଇଜଣ ଲୋକ ଦୁଆର ମୁହଁ ପାଖରୁ ବାହାର ପର୍ଯ୍ୟନ୍ତ ଏକ ନୂତନ ବସ୍ତ୍ରକୁ ଚାନ୍ଦୁଆ ପରି ଟେକି ଧରିଥାନ୍ତି । ତାର ତଳେ ବରକନ୍ୟାକୁ ତେଲ ହଳଦି ଲଗାଇ ଗାଧୋଇ ଦେଇ କନ୍ୟାକୁ କାଖେଇ କରି ଘରୁ ବାହାରକୁ ଆଣନ୍ତି । ଝିଅ ପଦାକୁ ଘରୁ ବାହାରିଲା ପରେ ବରପକ୍ଷ କନ୍ୟାର ମଥାରେ ସିନ୍ଦୁର ଦାନ କରିଥାନ୍ତି । ଏହି କର୍ମ କଳାପରେ

କନ୍ୟାଟି ନିଜର ପିତାଘରୁ ଅଧିକାର ହରାଇ ବସିଥାଏ ଏବଂ ବରର କନ୍ୟା ଉପରେ ଅଧିକାର ସାବ୍ୟସ୍ତ ହୋଇଥାଏ । ଏହାପରେ ଭୋଜିଭାତ ଆରମ୍ଭ ହୁଏ । ପ୍ରଥମେ ବରକନ୍ୟା ଭୋଜି ଖାଇଥାନ୍ତି ଏବଂ ପରେ ସମସ୍ତେ ମିଳିମିଶି ଭୋଜି ଖାଇଥାନ୍ତି । ନାଚ ଗୀତ ମଧ୍ୟରେ ବରକନ୍ୟା ଓ ବରଯାତ୍ରୀ ଦଳକୁ କନ୍ୟାପକ୍ଷ ବିଦାୟ ଦେଇଥାନ୍ତି । ବିଦାୟ ଦେବା ସମୟରେ କନ୍ୟାପକ୍ଷ ପୁଅକୁ କଂସା, ବାସନ କୁସନ ଇତ୍ୟାଦି ଦେଇଥାନ୍ତି ।

**ଖ- ଧରିପଳା**

ଉପର ବର୍ଣ୍ଣିତ ବିବାହ ଠାରୁ ଧରିପଳା ବିବାହ ସମ୍ପୂର୍ଣ୍ଣ ଭିନ୍ନ । ଏପରି ସ୍ଥଳେ ପ୍ରଥମେ ପୁଅ ଝିଅ ପରସ୍ପରକୁ ଭଲପାଇ ବିବାହ କରିବାକୁ ସ୍ଥିର କରିଥାନ୍ତି । ଯଦି ଏହି ବିବାହ ପ୍ରସ୍ତାବରେ ଉଭୟ ପକ୍ଷର ମାତା ପିତା ରାଜି ନ ହୁଅନ୍ତି ତାହାହେଲେ ବରକନ୍ୟା ସମୟ ସୁବିଧା ଦେଖି କୌଣସି ଏକ ଦିନ ଗୁପ୍ତଭାବରେ ଲୁଚି ଛପି ସାଙ୍ଗରେ କିଛି ଲୁଗାପଟା, ପଇସାପତ୍ର ଧରି ଦୂରସ୍ଥାନକୁ ପଳାଇ ଯାଇଥାନ୍ତି । ସେମାନେ କୌଣସି ବନ୍ଧୁବାନ୍ଧବ ଘରେ ଆଶ୍ରୟ ନେଇ ପାରନ୍ତି କିମ୍ବା ବଣ ଜଙ୍ଗଲରେ ଲୁଚି ରହିଥାନ୍ତି । ପରେ ଧରାପଡ଼ିଲେ ସେମାନଙ୍କୁ ବର କନ୍ୟା ଉଭୟଙ୍କର ମାତା ପିତା ବୁଝା ଶୁଝା କରି ଫେରାଇ ଆଣନ୍ତି ଏବଂ ସେ ଦୁହିଁଙ୍କର ବିବାହ ମଧ୍ୟ କରିଥାନ୍ତି । ଏ ପ୍ରକାର ବିବାହରେ ଖର୍ଚ୍ଚ ବହୁତ କମ୍ ହୋଇଥାଏ ।

ଧରିପଳା ବିବାହ ବ୍ୟତୀତ ଏମାନେ ବିଧବା ବିବାହକୁ ମଧ୍ୟ ସାମାଜିକ ପ୍ରଥା ଅନୁଯାୟୀ ମାନିଥାନ୍ତି । କୌଣସି ସ୍ତ୍ରୀ ଲୋକର ସ୍ୱାମୀ

ମରିଗଲାପରେ ସେ ତାର ସ୍ୱାମୀର ସାନ ଭାଇକୁ ବିବାହ କରିପାରେ । ମାତ୍ର ଏ କ୍ଷେତ୍ରରେ ସ୍ତ୍ରୀ ଲୋକଟିର ମତାମତକୁ ଅଗ୍ରାଧିକାର ଦିଆଯାଇଥାଏ । ଉଭୟ ଦିଅର ଭାଉଜ ରାଜିଥିଲେ ବାହାଘର ହୋଇଥାଏ । ଅନ୍ୟ ପକ୍ଷରେ ସ୍ତ୍ରୀଲୋକଟିର ଇଚ୍ଛା ନ ଥିଲେ ସେ ଅନ୍ୟ ପୁରୁଷକୁ ଗ୍ରହଣ କରିପାରିଥାଏ ।

ମାଙ୍କଡ଼ିଆ ମାନଙ୍କ ମଧରେ ବିବାହ ଯେଉଁଭାବରେ ହେଲେବି ବିବାହ ଅନୁଷ୍ଠିତ ହେବା ପୂର୍ବରୁ କେତେକ ସାମାଜିକ ରୀତିନୀତି, ଚାଲିଚଳନକୁ ସେମାନେ ମାନି ନେଇଥାନ୍ତି । ଗୋଟିଏ ଟଣ୍ଡା ମଧରେ ବସବାସ କରୁଥିବା ସମସ୍ତ ଧାଙ୍ଗଡ଼ା ଧାଙ୍ଗେଡ଼ି ପରସ୍ପର ଭାଇଭଉଣୀ ସମ୍ପର୍କୀୟ ହୋଇଥିବାରୁ ସେମାନଙ୍କ ମଧରେ ବିବାହ ନିଷେଧ କରାଯାଇଥାଏ । ଅନ୍ୟ ପକ୍ଷରେ ବାହାର ଟଣ୍ଡାରୁ କନ୍ୟା ଆଣିବା ପୂର୍ବରୁ ସେମାନେ ପ୍ରଥମେ ଝିଅର ବଂଶ, କୁଟୁମ୍ବ ସମ୍ବନ୍ଧରେ ଅବଗତ ହୋଇଥାନ୍ତି । ଏକ କ୍ଲାନ୍ କୁଟୁମ୍ବରୁ ସେମାନେ କନ୍ୟା ଗ୍ରହଣ କରନ୍ତି ନାହିଁ । ଗୋଟିଏ ଟଣ୍ଡା ମଧରେ ଯଦି କୌଣସି ଧାଙ୍ଗେଡ଼ା ଗୋଟିଏ ଧାଙ୍ଗେଡ଼ୀ ସହିତ ସମ୍ପର୍କ ରଖିବାର ଜଣାପଡ଼େ, ତେବେ ଗ୍ରାମସଭା ଡକାଯାଇ ଉକ୍ତ ଧାଙ୍ଗେଡ଼ାକୁ ଜୋରିମାନା ଦଣ୍ଡ ଦେଇଥାନ୍ତି । ସମୟ ସମୟରେ ଉଭୟ ଧାଙ୍ଗେଡ଼ା ଧାଙ୍ଗେଡ଼ୀକୁ ସବୁଦିନ ପାଇଁ ଗ୍ରାମରୁ ବାହାର କରିଦେଇଥାନ୍ତି ।

ମାଙ୍କଡ଼ିଆ ମାନଙ୍କ ମଧରେ ଦେଖାଯାଇଥିବା କ୍ଲାନ୍ କୁଟୁମ୍ବ ଗୁଡ଼ିକ ମୁର୍ମୁ, ହେମ୍ବ୍ରମ, ମାଣ୍ଡି, ହାଁସଦା, ଟୁଡୁ, ସିକ୍ରିୟା, ଗୁଆର ଇତ୍ୟାଦି । ଗୋଟିଏ ପ୍ରକାର ଗୋତ୍ରର ଲୋକମାନେ ନିଜ ଗୋତ୍ର ଭିନ୍ନ

ଅନ୍ୟ ସମସ୍ତ ଗୋତ୍ର ଗୁଡ଼ିକରୁ କନ୍ୟା ଗ୍ରହଣ କରିପାରିଥାନ୍ତି । ଉଦାହରଣତଃ ମୁର୍ମୁ ଗୋତ୍ରର ପୁଅ ହେମ୍ରମ, ମାଣ୍ଡି, ହାଁସଦା, ଟୁଡୁ, ସିକ୍ରିୟା, ଗୁଆର ଯେ କୌଣସି ଗୋତ୍ରରୁ ଝିଅକୁ ବାହା ହୋଇ ପାରିଥାନ୍ତି ।

## ୬- ଶ୍ରାଦ୍ଧୋତ୍ସବ

ମାଙ୍କଡ଼ିଆମାନେ ମୃତ୍ୟୁପରେ ପରଲୋକରେ ବିଶ୍ୱାସ କରିଥାନ୍ତି । ପରିବାର ସଦସ୍ୟଙ୍କ ମଧ୍ୟରୁ କାହାରି ମୃତ୍ୟୁ ହେଲେ, ତାହାର ଜୀବାତ୍ମା ପରଲୋକରେ ସ୍ଥାନ ପାଇଥାନ୍ତି ଏବଂ ଏହି ଆତ୍ମା ସେମାନଙ୍କର ପାଖାପାଖି ଘୁରୁଥାନ୍ତି ବୋଲି ସେମାନଙ୍କର ବିଶ୍ୱାସ । ଯେ ପର୍ଯ୍ୟନ୍ତ ଏହି ଆତ୍ମା ମାନଙ୍କ ପାଇଁ ଶୁଦ୍ଧିକ୍ରିୟା କର୍ମ ପାଳନ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଏମାନେ ଅତୃପ୍ତ ଆତ୍ମା ଭାବରେ ଏଣେ ତେଣେ ଘୁରିବୁଲୁଥାନ୍ତି । ଶୁଦ୍ଧିକ୍ରିୟା କର୍ମ କରି ମାଙ୍କଡ଼ିଆ ମାନେ ସେମାନଙ୍କୁ ନିଜ ପିତୃ ଦେବତା ରୂପେ ଘରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇ ପୂଜା କରିଥାନ୍ତି । ସେମାନଙ୍କର ବିଶ୍ୱାସ ଯେ, ଯଦି ସେମାନେ ଏପରି ନ କରିନ୍ତି ତେବେ ଏହି ଅତୃପ୍ତ ଆତ୍ମା ଗୁଡ଼ିକ ମାଙ୍କଡ଼ିଆ ସମାଜ ପାଇଁ ଅମଙ୍ଗଳ ହୋଇଥାନ୍ତି । ନାନା ପ୍ରକାର ଅଶୁଭ ଘଟଣାମାନ ଘଟାଇ ଉଯଭୀତ କରାଇଥାନ୍ତି । ମୃତ୍ୟୁପରେ କେତେକ ଆତ୍ମା ମଧ ପୁନଃ ଜନ୍ମ ଗ୍ରହଣ କରିଥାନ୍ତି । ଏକଥା ନବଜାତ ଶିଶୁର ନାମକରଣ ସମୟରେ ଜଣାଯାଇଥାଏ । (ନାମକରଣ ପରିଚ୍ଛେଦ ଦ୍ରଷ୍ଟବ୍ୟ) । ଶ୍ରାଦ୍ଧକ୍ରିୟା ପାଳନର ବିଧି ନିମ୍ନରେ ବର୍ଣ୍ଣିତ ହେଲା ।

ଜଣେ ବ୍ୟକ୍ତିର ମୃତ୍ୟୁ ହେଲେ ତାର ପରିବାର, କୁଟୁମ୍ବ, ଆତ୍ମୀୟ ସ୍ୱଜନ ତଥା ଟଣ୍ଡାର ଲୋକେ ଅଶୁଚି ହୋଇଥାନ୍ତି । ଏଥିରୁ ମୁକ୍ତି ତଥା

ମୃତ ବ୍ୟକ୍ତିର ଆତ୍ମାର ଶାନ୍ତି ପାଇଁ ତାହାର ପରିବାର ବର୍ଗ ଶ୍ରାଦ୍ଧକ୍ରିୟା କର୍ମ କରିଥାନ୍ତି । ଶ୍ରାଦ୍ଧକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ଟଣ୍ଡା ମଧ୍ୟରେ କୌଣସି ଶୁଭକାର୍ଯ୍ୟ କରିବା ନିଷିଦ୍ଧ ଏବଂ କୌଣସି ଶୁଭ ବା ଧର୍ମାନୁଷ୍ଠାନରେ ଯୋଗଦାନ କରିବା ଏକ ସମାଜିକ ଅପରାଧ ବୋଲି ବିଶ୍ୱାସ କରିଥାନ୍ତି । ଏପରି ରୀତିନୀତିର ବିରୁଦ୍ଧାଚରଣ କଲେ ଅତୃପ୍ତ ଆତ୍ମା ବିଭିନ୍ନ ବାଧା ବିଘ୍ନ ଘଟାଇଥାଏ ଏବଂ ପରିବାର ତଥା ଟଣ୍ଡା ପ୍ରତି ପ୍ରଭୁତ କ୍ଷତି ଘଟାଇଥାଏ ।

କାହାରି ମୃତ୍ୟୁ ଘଟିବା ସଂଙ୍ଗେ ସଂଙ୍ଗେ କୁଟୁମ୍ବ ତଥା ବନ୍ଧୁ ଲୋକମାନଙ୍କ ପାଖକୁ ଖବର ପଠାଯାଇଥାଏ । ସମସ୍ତେ ଏକତ୍ର ହେବାପରେ ଶବକୁ ନିକଟସ୍ଥ ଜଙ୍ଗଲ କିମ୍ୱା ମଶାଣି ପଡ଼ିଆକୁ ନେବା ନିମନ୍ତେ ଗୋଟିଏ କୋକେଇ (ଗୋଖ୍‌ବି) ତିଆରି କରିଥାନ୍ତି । ସ୍ତ୍ରୀଲୋକମାନେ ମୃତ ବ୍ୟକ୍ତିର ମୁଁହରେ ହଳଦି ଲଗାଇ ଦେଇଥାନ୍ତି । ଗୋଟିଏ ନୂତନ ଧଳା ବସ୍ତ୍ରରେ ଶବକୁ ଘୋଡ଼ାଇ ଦେଇଥାନ୍ତି । ଏହାପରେ ଶବକୁ ଜଙ୍ଗଲ ମଧ୍ୟରେ ପୋତିବା ପାଇଁ ଆଠ ଫୁଟ ଲମ୍ୱା ତିନି ଫୁଟ ଓସାରର ଗୋଟିଏ ଲମ୍ୱା ଗାତ ଖୋଳିଥାନ୍ତି । ଗାତ ଭିତରେ ଗୋଟିଏ ନୂଆ ଲୁଗା ବିଛାଇ ଶବକୁ ଦକ୍ଷିଣକୁ ମୁଣ୍ଡ କରି ଶୁଆଇ ଦେଇଥାନ୍ତି । କେହି କେହି ଶବକୁ ଦକ୍ଷିଣ-ପଶ୍ଚିମ ଦିଗକୁ ମୁଣ୍ଡଦେଇ ଶୁଆଇ ମାଟି ଭରି ପୋତି ଦେଇଥାନ୍ତି । ଏହା ଉପରେ ଏକ ବଡ଼ ପଥର ମଧ୍ୟ ଲଦି ଦେଇଥାନ୍ତି । ଯେପରି କାଉ, କୁକୁର, ବିଲୁଆ କେହି ଜନ୍ତୁ ଖୋଳିକରି ଶବକୁ ଖାଇ ନ ଯାଇ ପାରେ । ଏହା ଉପରେ ବହୁତ ଗୁଡ଼ିଏ ପତ୍ର ମଧ୍ୟ ଥୋଇ ଦେଇଥାନ୍ତି କିମ୍ୱା ଏହା ଉପରେ

ଗୋଟିଏ ଛୋଟ ପତ୍ରକୁଡ଼ିଆ ତିଆରି କରିଥାନ୍ତି । ଶବକୁ ବୋହି ଆଣିଥିବା ମାଲଭାଇ ମାନେ ନଦୀ, ଝରଣା ବା ନିକଟସ୍ଥ ଜଳାଶୟ ପାଖକୁ ଯାଇ ସ୍ନାନ କରି ଶୁଦ୍ଧ ପୂତ ହୋଇଥାନ୍ତି । ପତ୍ରକୁଡ଼ିଆ ଶବ ପୋତା ଯାଇଥିବା ସ୍ଥାନରେ ନିର୍ମାଣ କରିବାର କାରଣ ଏହିକି ପରିବାର ବର୍ଗ ଶୁଦ୍ଧକ୍ରିୟା ସମାପନ କରି ମୃତ ଆତ୍ମାକୁ ଗୃହକୁ ନ ନେବା ପର୍ଯ୍ୟନ୍ତ ସେ ଏଠାରେ ସୁଖରେ ବାସ କରିଥାଏ । ଆତ୍ମୀୟ ସ୍ୱଜନ, କୁଟୁମ୍ବ ଲୋକେ ମୃତ୍ୟୁ ଘଟିବାର ପାଞ୍ଚଦିନ ପର୍ଯ୍ୟନ୍ତ ମୃତ୍ୟୁ କାଳୀନ କାର୍ଯ୍ୟ ବିଧି ପାଳନ କରିଥାନ୍ତି । ପଞ୍ଚମଦିନ ପୁରୁଷ ମୁଖିଆ ଲୋକ ଶବ ପୋତାଯାଇଥିବା ସ୍ଥାନକୁ ଯାଇଥାଏ । ସେଠାରେ ମୃତ ଲୋକର ଆତ୍ମାକୁ ନିଜ କୁଡ଼ିଆକୁ ଡାକି ଆଣି ପତ୍ର କୁଡ଼ିଆରେ ନିଆଁ ଲଗାଇ ଦେଇଥାଏ । ଘରଲୋକମାନେ ଘରର ଏକ କୋଣରେ ଗୋବରରେ ଲିପି ଏକ ଦୀପ ଏହା ଉପରେ ଜଳାଇଥାନ୍ତି । ମୃତ ଲୋକର ଆତ୍ମା (ହେର୍‌କେନ୍) ଗୃହକୁ ପ୍ରବେଶ କଲେ ଉକ୍ତ ଦୀପ ଆପେ ଆପେ ଲିଭି ଯାଇଥାଏ । ଉକ୍ତ ଦିନ ଦେହୁରୀ ପ୍ରାୟ ଦିନ ଦ୍ୱିପ୍ରହର ସମୟରେ ସମସ୍ତ କୁଟୁମ୍ବ ଲୋକମାନଙ୍କୁ ଓରାବୋଙ୍ଗା (କୁଳଦେବତା)ଙ୍କ ନିକଟରେ ପ୍ରାୟଶ୍ଚିତ କରାଇଥାନ୍ତି । ଓରାବୋଙ୍ଗାଙ୍କୁ କୁକୁଡ଼ା, ମହୁଲି ମଦ ଓ ଖାଦ୍ୟ ଦ୍ରବ୍ୟରେ ପୂଜା କରିଥାନ୍ତି । ଦେହୁରୀ ଟଣ୍ଡାର ସର୍ବତ୍ର ଜଳ ସିଞ୍ଚନ କରିଥାନ୍ତି । ମୃତ ଲୋକର ପରିବାର ସଂଧ୍ୟାରେ ସମସ୍ତଙ୍କ ପାଇଁ ଭୋଜି ଓ ମଦ୍ୟପାନର ବ୍ୟବସ୍ଥା କରିଥାନ୍ତି । ଭୋଜି ଖାଇ ସାରିଲା ପରେ ଶୋକାର୍ତ୍ତ ଲୋକଙ୍କୁ ସାନ୍ତ୍ୱନା ଦେଇ ସମସ୍ତେ ବିଦାୟ ନେଇଥାନ୍ତି ।

## ୭- ଗୃହନିର୍ମାଣ

ମାଙ୍କଡ଼ିଆମାନେ ସାଧାରଣତଃ ଯାଯାବର ଜୀବନ ଯାପନ କରୁଥିବାରୁ ସେମାନେ ସ୍ଥାୟୀ ଓ ମଜବୁତ୍ ଘର ତିଆରି କରନ୍ତି ନାହିଁ । ସେମାନଙ୍କର ଘର ଅତି ଛୋଟ । ଏହାକୁ ପତ୍ର କୁଟୀର (କୁଡ଼ିଆ) କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଋତୁ ଅନୁଯାଇ ସେମାନେ ସ୍ଥାନ ପରିତ୍ୟାଗ କରିଥାନ୍ତି । ମାତ୍ର ସେମାନେ ଯେଉଁ ସ୍ଥାନକୁ ଯାଇଥାନ୍ତି ସେଠାରେ ଏକ ନୂତନ ଟଣ୍ଡା ନିର୍ମାଣ କରିଥାନ୍ତି । ଏ ଟଣ୍ଡାର (ଗ୍ରାମ) ଅବସ୍ଥିତି ପ୍ରାୟ ଜଙ୍ଗଲ ଓ ହାଟ ବଜାରର ନିକଟବର୍ତ୍ତୀ ହୋଇଥାଏ । ଟଣ୍ଡା ପରିବର୍ତ୍ତନ ସମୟରେ ସେମାନେ ଛାଡ଼ି ଯାଇଥିବା ଘରର ପଛପଟରେ ବାଟ କରି ବାହାରିଥାନ୍ତି । ମାତ୍ର ଏହି ଘର ଗୁଡ଼ିକୁ ଭାଙ୍ଗି ନ-ଥାନ୍ତି । ସେମାନେ ଯେଉଁ ଠାକୁ ଯାଇ ନୂତନ ଘର କରି ଟଣ୍ଡାରେ ରୁହନ୍ତି ସେଠାରେ କୁଡ଼ିଆ ନିର୍ମାଣ କରିବା ପୂର୍ବରୁ ଉକ୍ତ ସ୍ଥାନର ଶୁଭାଶୁଭ, ମନ୍ତ୍ର ଓ ପୂଜା ପାଠ ଦ୍ୱାରା ନିର୍ଣ୍ଣୟ କରିଥାନ୍ତି । ଏହି କାର୍ଯ୍ୟ ଦେହୁରୀ କିମ୍ବା ରାଉତିଆ ଦ୍ୱାରା ହୋଇଥାଏ । ରାଉତିଆ ମନ୍ତ୍ର ପାଠ କରି ଧ୍ୟାନରେ ନିମଗ୍ନ ହୋଇଯାଏ, ଏବଂ ଦେବତାମାନଙ୍କ ସମ୍ପର୍କରେ ଆସିଥାଏ । ଦେବତା ମାନଙ୍କୁ ପଚାରି ସେ ଜାଣି ପାରେ ଉକ୍ତ ସ୍ଥାନରେ ଟଣ୍ଡା ବସାଇଲେ ତାଙ୍କ ପାଇଁ ଶୁଭପ୍ରଦ ହେବକି ନାହିଁ । ଯଦି ଶୁଭପ୍ରଦ ନୁହେଁ ତେବେ ସେମାନେ ସେଠାରେ ଟଣ୍ଡା ନ ବସାଇ ଅନ୍ୟତ୍ର ଶୁଭପ୍ରଦ ଜଣାପଡୁଥିବା ସ୍ଥାନରେ ଟଣ୍ଡା ବସାଇଥାନ୍ତି । ଦେହୁରୀ ଏହି ଶୁଭାଶୁଭ ପରୀକ୍ଷା ସମୟରେ ଦୁଇଟି କୁକୁଡ଼ା ତାଙ୍କର ପୂଜିତ ଇଷ୍ଟ ବୁଢ଼ା ବୁଢ଼ୀଙ୍କ ଉଦ୍ଦେଶ୍ୟରେ ବଳି ପକାଇଥାନ୍ତି । ଏହି ଦୁଇଟି କୁକୁଡା ଟଣ୍ଡାର ସମସ୍ତ

ପରିବାର ଚାନ୍ଦା ଆକାରରେ ସଂଗ୍ରହ କରି ଆଣିଥାନ୍ତି । ଦେହୁରୀ ବା ରାଇକିଆ ଶୁଭା ଶୁଭ ପରୀକ୍ଷା ସମୟରେ ଯେଉଁ ମନ୍ତ୍ର ଉଚ୍ଚାରଣ କରିଥାଏ ତାହା ଏହିପରି :

ମନ୍ତ୍ର

"ଅାଁ ଡେରା ପେନପେ ବଙ୍ଗା ମିନୟ ଇନ୍ ବଝୟପେ ।
ଏଦ୍‌ବେଦକ୍ଷେ ତାହିଦା । ଆବା କଣ୍ଡୋ ଗୁଜୁଅପେ
ତକେହେବେକ୍ତେ ମତାଯୋଗେ, ବେପ୍ପେ ତାହିଯୋପେ,
ମିନି ଗିନୟମୁ ଚାବାଆନା ।"

ପୁନର୍ବାର ଟଣ୍ଡାରେ ଘର/ପତ୍ର କୁଡିଆ ନିର୍ମାଣ କରିସାରିଲା ପରେ ସମସ୍ତେ ନିଜ ନିଜ ଘରେ ଗୋଟିଏ ଲେଖାଁଏ କୁକୁଡା ଲୋଗବିର ଓ ବୁଢ଼ାମାଇ ଇଷ୍ଟ ଦେବତାଙ୍କ ଉଦ୍ଦେଶ୍ୟରେ ବଳି ଦେଇ ଭୋଗ ରାଗ କରିଥାନ୍ତି ।

୮- ରୋଗ ବ୍ୟାଧି ନିରାକରଣ

ମାଙ୍କଡ଼ିଆ ସମ୍ପ୍ରଦାୟ ମଧ୍ୟରେ ରାଉତିଆର ଭୂମିକା ଅତି ଗୁରୁତ୍ୱ ପୂର୍ଣ୍ଣ ଅଟେ । ସେମାନେ ଆଧୁନିକ ସଭ୍ୟତା ଠାରୁ ଦୂରରେ ରହୁଥିବାରୁ ରୋଗବ୍ୟାଧି ନିରାକରଣ ପାଇଁ ସେମାନେ ତାଙ୍କର ଚିରାଚରିତ ଉପାୟ ଅବଲମ୍ବନ କରିଥାନ୍ତି । ଟଣ୍ଡା ମଧ୍ୟରେ କାହାକୁ କୌଣସି ପ୍ରକାର ରୋଗ ହେଲେ ସେ ରାଉତିଆ ଠାରୁ ରୋଗର ପ୍ରତିକାର ନିମନ୍ତେ ଜଙ୍ଗଲି ପତ୍ର, ଚେରମୂଳି ଓ ପରାମର୍ଶ ନେଇଥାଏ । ବିଭିନ୍ନ ପ୍ରକାର ରୋଗ ପାଇଁ ରାଉତିଆ ଭିନ୍ନ ଭିନ୍ନ ଚେରମୂଳି ଓ ଉପାୟ ଅବଲମ୍ବନ କରିଥାନ୍ତି ।

ମାଙ୍କଡ଼ିଆ ସମ୍ପ୍ରଦାୟର ରାଉତିଆମାନେ ଅଠରଦଳ ନାମକ ଏକ ସ୍ଥାନରେ ନନ୍ଦଲାଲ ଦେବତାଙ୍କୁ ପାରାବଳି ଓ ଗଞ୍ଜେଇ, ଅଫିମ, ଦୁଧ ଇତ୍ୟାଦି ପୂଜା ଦେଇ ସମସ୍ତ ପ୍ରକାର ରୋଗ ବୈରାଗ୍ୟରୁ ଭଲ ହେବା ପାଇଁ ଆଶିର୍ବାଦ ଲାଭ କରିଥାନ୍ତି । ନନ୍ଦଲାଲ ଠାକୁରଙ୍କ ବିନା କୃପାରେ କୌଣସି ରୋଗ ଭଲ କରି ପାରିବେ ନାହିଁ ବୋଲି ସେମାନଙ୍କର ବିଶ୍ୱାସ । ସମସ୍ତ ପ୍ରକାର ରୋଗ ବଇରାଗ ଗୁଡ଼ିକୁ କେଉଁ ଉପାୟରେ ଭଲ କରିଥାନ୍ତି ତାହାର କେତୋଟି ଦୃଷ୍ଟାନ୍ତ ନିମ୍ନ ପ୍ରକାରର ।

**କ- ଟଣ୍ଡାରେ ମଡ଼କ ପଡ଼ିଲେ**

ଟଣ୍ଡାରେ ମଡ଼କ ପଡ଼ିଲେ କିମ୍ବା ଅଳ୍ପ ସମୟ ବ୍ୟବଧାନରେ ପାଞ୍ଚ ଛଅ ଜଣ ଲୋକ ମଲେ ଏଥିପାଇଁ ରାଉତିଆ ଲୋଗୁର ଠାକୁର ଓ ଲୋଗୁର କାମସାରଙ୍କୁ ମାନସିକ କରିଥାନ୍ତି । ରାଉତିଆ ମାନସିକ କରି ପୂଜା ପାଠ କରି ଜଙ୍ଗଲରୁ ବିଭିନ୍ନ ପ୍ରକାର ଔଷଧ ଆଣି ବସ୍ତିରେ ଘରେ ଘରେ ପ୍ରତ୍ୟେକଙ୍କୁ ଦେଇଥାଏ । ଏହା ଦ୍ୱାରା ମହାମାରୀ ଦୂର ହୋଇଥାଏ ବୋଲି ମାଙ୍କଡ଼ିଆ ମାନଙ୍କର ବିଶ୍ୱାସ । ରାଉତିଆ କରିଥିବା ମାନସିକପରେ ମକର ସଂକ୍ରାନ୍ତି ବାସୀ ଦିନ ଅର୍ଥାତ ମାଙ୍କଡ଼ନଚା ଦିନ ଲୋଗୁର ଠାକୁରଙ୍କୁ ଗୋଟିଏ ରଙ୍ଗିଆ କୁକୁଡ଼ା ଏବଂ ଲୋଗୁର କାମସାରଙ୍କୁ ଗୋଟିଏ ଧଳା କୁକୁଡ଼ା ବଳି ଦିଆଯାଇଥାଏ । ଏ ପ୍ରକାର ମହାମାରୀ ରୋଗ ଲୋଗୁର ଠାକୁର ଓ ଲୋଗୁର କାମ ସାରଙ୍କ କୋପଦୃଷ୍ଟିରୁ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ଏମାନଙ୍କୁ ବଳି ଓ ପୂଜା ମାଧମରେ ଶାନ୍ତି କରି ପାରିଲେ ମହାମାରୀ

ରୂପକ ମଡ଼କରୁ ସେମାନେ ରକ୍ଷା ପାଇଥାନ୍ତି ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ ।

**ଖ- ସାପ କାମୁଡ଼ା**

କାହାରିକୁ ସାପ କାମୁଡ଼ିଲେ ରାଉତିଆ ଆଦ୍‌କୁଅାଁରୀ ଓ ଆବଦାଂଦରାବିର (ଦୁଇଜଣ ଦେବା ଦେବୀ)ଙ୍କୁ ଦୁଇଟା କୁକୁଡ଼ା ପୂଜା କରିବା ପାଇଁ ପ୍ରଥମେ ମାନସିକ କରିଥାଏ । ପରେ ଜଙ୍ଗଲକୁ ଯାଇ ସେମାନଙ୍କ ପାଇଁ ସାପକାମୁଡ଼ାର ଅବ୍ୟର୍ଥ ଔଷଧ ନଖଛ୍ୱର ନାମକ ଚେରମୂଳିକୁ ଆଣିବାକୁ ଯାଇଥାଏ । ଏହି ଚେରମୂଳି ଆଣିବା ସମୟରେ ରାଉତିଆକୁ ଗଛର ଚେରମୂଳିକୁ ପାଟିରେ କାମୁଡ଼ି କରି ଉପାଡ଼ି ଆଣିବାକୁ ପଡ଼ିଥାଏ । ଔଷଧ ଆଣି ରୋଗୀର ପାଟିରେ ବାଟିକରି ଖାଇବାକୁ ଦେଲେ ସାପବିଷ କଟିଯାଏ ଓ ରୋଗୀ ଶୀଘ୍ର ଆରୋଗ୍ୟ ଲାଭକରେ । ରୋଗୀ ଭଲ ହେଲେ ପରବର୍ତ୍ତୀ ଦିନ ସକାଳେ ମାନସିକ ଅନୁଯାୟୀ ଦୁଇଟି କୁକୁଡ଼ା ଆଦକୁଅାଁରୀ ଓ ଆଦ୍‌ବାଂଦରାବିରଙ୍କୁ ରାଉତିଆ ବଳିଦେଇ ପୂଜା କରିଥାନ୍ତି ।

**ଗ- ଭାଲୁ କାମୁଡ଼ା**

କାହାକୁ ଭାଲୁ କାମୁଡ଼ିଲେ ରାଉତିଆ ପ୍ରଥମେ ''ଲୋଗୁର ଠାକୁର'' ଓ ''ଲୋଗୁର କାପ ସାଇ'' (ଦୁଇଭାଇ)ଙ୍କ ନିକଟରେ କୁକୁଡ଼ା ବଳି ଦେବା ପାଇଁ ମାନସିକ କରିଥାନ୍ତି । ମାନସିକ କରି ଆଷାଢ଼ୀ ଗଛର ଫଳ ଓ ଚେରକୁ ବାଟି ରାଉତିଆ ଭାଲୁ କାମୁଡ଼ି ଥିବା କ୍ଷତ ସ୍ଥାନରେ ଲେପନ ଦେଲେ ଉକ୍ତ କ୍ଷତ ସ୍ଥାନ ଶୀଘ୍ର ଭଲ

ହୋଇଥାଏ । ରୋଗୀ ଭଲ ହେବା ପରେ ମାନସିକ ଅନୁଯାୟୀ ବଳି ପଡ଼ିଥାଏ ।

### ଘ- ଜ୍ୱର ରୋଗ

ବିଭିନ୍ନ ପ୍ରକାର ଜ୍ୱରପାଇଁ ମାଙ୍କଡ଼ିଆ ସମ୍ପ୍ରଦାୟର ରାଉତିଆ ଭିନ୍ନ ଭିନ୍ନ ଠାକୁରଙ୍କ ପାଖରେ ମାନସିକ କରି ନିର୍ଦ୍ଦିଷ୍ଟ ଜ୍ୱର ପାଇଁ ଔଷଧର ଚେର ମୂଳିକା ଦେଇଥାଏ । ବିଭିନ୍ନ ପ୍ରକାର ଜ୍ୱରରୁ ଆରୋଗ୍ୟ ଲାଭ କରିବା ପାଇଁ ରାଉତିଆ ଭିନ୍ନ ଭିନ୍ନ ଦେବତାଙ୍କ ନିକଟରେ ମାନସିକ କରିଥାଏ । ଏହି ଦେବତା ମାନେ ହେଲେ (୧) ଓରକ୍‌ବାର, (୨) ଚାନ୍ଦାରବାର, (୩) ବଡ଼ରବାର, (୪) ଅପୁଙ୍ଗ୍‌ବାର (୫) ଟମୁକା ବାଙ୍ଗ ଇତ୍ୟାଦି । ରାଉତିଆ ପ୍ରଥମେ ପରୀକ୍ଷା ନିରୀକ୍ଷା କରି ଉକ୍ତ ଜ୍ୱର କେଉଁ ଦେବତାଙ୍କ କୋପରୁ ହୋଇଛି ନିର୍ଦ୍ଧାରଣ କରିଥାଏ । ଏହାପରେ ଉକ୍ତ ଦେବତାଙ୍କ ନିକଟରେ କୁକୁଡ଼ା ବଳି ପାଇଁ ମାନସିକ କରି ରୋଗୀକୁ ଜଙ୍ଗଲି ଚେର ମୂଳ ଦେଇ ରୋଗ ମୁକ୍ତ କରିଥାଏ । ମାଙ୍କଡ଼ିଆ ମାନେ ରାଉତିଆ ଉପରେ ପୂର୍ଣ୍ଣ ବିଶ୍ୱାସ କରିଥାନ୍ତି । ରାଉତିଆର ବଳି ଦେବତାଙ୍କୁ ପ୍ରଦାନ ଓ ରୋଗୀକୁ ବିଭିନ୍ନ ପ୍ରକାର ଔଷଧ ପ୍ରୟୋଗରେ ସେମାନଙ୍କର ଅତୁଟ ବିଶ୍ୱାସ ।

## ମାଙ୍କଡ଼ିଆ ମାନଙ୍କର ବିଭିନ୍ନ ପ୍ରକାର ଗୀତ

### (୧) ନୂଆଖିଆ ଗୀତ

ଦିସିଆ ଦିସିଆ ପର ଦିସିଆରେ ବାଲା ସାଙ୍ଗତେ (୨)

ଦିସିଆ ସୁସୁନ୍ ସାଙ୍ଗତେ,
ଦିସିଆରେ ଯାଦୁର ସାଙ୍ଗତେ,
ଶାରଜମ ପୋଟ୍ରୁଟାରେ ବଙ୍ଗାକିନ୍
ବିୟୁରେନ୍ କାନା ।
ତେ ଗାଇଁ ତେ ଗାଇଁ ଦ ଦୟାଗ ଦାବିରେ
କୁଲୁସୁଇଁ କୁଲୁସୁଇଁ ଦଲୁଟି କଲାଗରେ ।

## ଓଡ଼ିଆରେ ଅର୍ଥ

ପରଦେଶୀଆ ଫୁଲ ସାଙ୍ଗରେ
ପରଦେଶୀଆ ନାଚ ସାଙ୍ଗରେ
ଶାଳ ଗଛ ଫୁଲ ଉପରେ ଭଅଁର
ଦୁଇଟା ଉଡ଼ି ବୁଲୁଛନ୍ତି,
ମାଡ଼ିବରେ ମାଡ଼ିବରେ ପିଠିରେ ଛାତିରେ
ବଜାଇବ ବଜାଇବ ଛାତିରେ ପିଠିରେ ।

## (୨) ମକର ଗୀତ

ଜଙ୍ଗ ସୁବାରେଲେ ଡିଙ୍ଗୁଲେନା
ଜଙ୍ଗ ଲାଗିନ୍‌ଯେ ନେରାଂଲେୟା
ନୁଲି ସୁବାରେଲେ ଡିଙ୍ଗୁଲେନା
ନୁଲି ଲାଗିନ୍‌ପେ ନେରାଂଲେୟା
ନିନ୍ଦାନେଲ୍ ପେୟାଲେ ବାଲୁଲେକ
ସିଙ୍ଗି ନେଲ ଚକୋଲୁଲା ଲେକ ।

ଢାୟାୟ କାଜିତେ ପେତାୟ କାଜିତେ
        ନିଆ କାଜିଦ କାଲେ ନାୟୁମା ।

## ଓଡ଼ିଆରେ ଅର୍ଥ

ତେନ୍ତୁଳି ଗଛ ମୂଳେ ଠିଆଠିଆ
        ତେନ୍ତୁଳି ପାଇଁ ରାଗ ।
ଆମ୍ବଗଛ ମୂଳେ ଠିଆ ଠିଆ
        ଆମ୍ବ ପାଇଁ ରାଗ ।
ରାତିରେ ଦେଖୁ ଭାଲୁ ପରି
        ଦିନରେ ଦେଖୁ ବାଘ ପରି
ଯେତେ ରାଗିଲେ ବି
        ଆମେ ରାଗିବୁ ନାହିଁ ।

## (୩) ବାହାଘର ଗୀତ

ଦାଃ ଦଲ ସୁନୁମ ତାନାଲ
        ଗିତିଲ୍ ଦକ୍ ସାସାଂ ତାନାଲ
ତିରି ତିରିୟ ବୟତିରେ
        ସାଦାୟମେ ।
ନୁଲି ତଲିୟ ବୟ
        ନୁଲି ନେଲାମେ ।

## ଓଡ଼ିଆରେ ଅର୍ଥ

ପାଣିକୁ ତେଲ ମଣୁଛନ୍ତି ।
        ବାଲିକୁ ହଳଦି ।

ବଂଶୀ ପୁଅ ହାତରେ
ଧରାଇ ଦିଅ ।
ଆମ୍ଭକୁ ଦେଇ ଦିଅ
ତାର ହାତରେ ।

## (୪) ଅବସର ସମୟର ଗୀତ

(୧) ପାଇଁରୀନା ପାଇଁରୀ ତୁରୁଇ ଗାଣ୍ଡା ପାଇଁରୀ (୨)
ଟିମିନ୍ ସାଂଙ୍କନ୍ତୁ-ରେମ-ତୁନ୍ତୁକେୟାଗଲେ ।
ହାୟରେ ଗଲେ ସାଃ ସାଃ ।

ଝିକି ଝିକି ତୁତେଲ କେୟା
ସୁକର ହାଏ ଗଲେ ସାଃ ସାଃ ।

**ଅର୍ଥ**

ଖଡ୍ରୁତ ଖଡ୍ରୁ "ଛ" ଗଣ୍ଡା ଖଡ୍ରୁ
କେତେ ଦୂରରେ ଶର ମାରିଲୁ ସୁକୁରା ହାଏ ।
ବସି ବସିକି ଶର ମାରିଲୁ
ସୁକୁରା ହାଏ ହାଏ ।

(୨) ଦଲାଇ ବୁରୁ ଚେତନରେ
ଅକୟ କଲାମୟ ସେକେଜାୟ ଗାଇଦାୟ
ଗାମୁଛା ଦୁରୁଲାଏ ।

ଗାନା ଆଲେ ଆଲେ ଗୁପ୍ପୁନାତ୍ ବାରୁଆଦେ
ନାବିନ ପେସେ ଗପାକ ଗୁପ୍ପୁନାତ୍
ନକନା ଗପାକ ଗୁପ୍ପୁନାତ ।
ନକନା ରାୟକିନ୍ ନତାୟ ।

**ଅର୍ଥ**

ପାହାଡ଼ ଉପରେ କେଉଁ ପିଲା
ହୁଇସିଲ ମାରି ଗାମୁଛା ହଲାଉଛି ।

ନଦୀ ଧାରେ ଧାରେ ଗୋପୀନାଥ ।
ତୁମେ ସିନା ଗୋପାଳ ଗୋପୀନାଥ ।

ଏମିତି ଗୋପାଳ ଗୋପୀନାଥ
ଏମିତି କରୁଛ ।

(୩) ରାମ ତିକିନ୍ ଲକ୍ଷ୍ମଣ ତିକିନ୍
ସେତାରେ କିନ୍ ଚାଲୁ ଲେନା ।

ରାବଣ ରାଜା ଯାକିନ୍ ଗଦେ ଲାଗିନ୍
ଚାଳି ରୂପେ ଚାଳି ସୂତାମ୍ ।

ସାରକିନ୍ ନାଣାଃ ଲେତା ମାର ସାଣ୍ଡାଂ ମାରକାପି
ମଲ୍ଲୀ ଫୁଲର ଲତାରେ ସାରଙ୍କ

ସାରଙ୍କ ନୁୟୁଃ ଙ୍କାନା ଗଙ୍ଗାଗୟା
ମାୟାମ ଲିଙ୍କିନ୍‌ତାନା ସମୁଦ୍ରରେ ।

**ଅର୍ଥ**

ରାମ ଆଉ ଲକ୍ଷ୍ମଣ ସକାଳେ ବାହାରିଲେ
ରାବଣ ରାଜାକୁ ମାରିବା ପାଇଁ
ଧନୁଶର ସଜାଡ଼ି ।

ଆଣ ଧନୁ, ଭାଲ୍ଲା, ଶର,
ମଲ୍ଲୀଫୁଲ ଲତା ଉପରେ

ପଡ଼ିଗଲା ଶର ଗଙ୍ଗା ନଦୀରେ
ରକ୍ତ ଭାସିଗଲା ସମୁଦ୍ରରେ ।

ISBN - 81 - 88010 - 04 - 9